ଇଡି ମୁଖ୍ୟତଃ ମନି ଲଣ୍ଡରିଂ (ଆର୍ଥିକ ହେରଫେର) ଏବଂ ବୈଦେଶିକ ବିନିମୟ ନିୟମ-୧୯୯୯ ଉଲ୍ଲଂଘନର ତଦନ୍ତ କରିଥାଏ। ଏହାର ମୁଖ୍ୟାଳୟ ଦିଲ୍ଲୀରେ ଥିବାବେଳେ ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଓ ସ୍ଥାନୀୟ କାର୍ଯ୍ୟାଳୟ ରହିଛି। ଏଣୁ ଇଡିକୁ ଆର୍ଥିକ ଅପରାଧର ତଦନ୍ତ ଓ ବିଚାର କରିବାରେ ବ୍ୟାପକ ବ୍ୟବସ୍ଥା ଅଛି। କିନ୍ତୁ ଏବେ ଇଡି ପାଇଁ ମଞ୍ଜୁରିପ୍ରାପ୍ତ ଅଧିକାରୀ ପଦବୀଗୁଡ଼ିକରୁ ୫୬ ପ୍ରତିଶତ ଖାଲି ପଡ଼ିଛି ଏବଂ ଏଥିରେ ଏହାକୁ କାର୍ଯ୍ୟ କରିବାକୁ ହେଉଛି। ଫଳରେ ସବୁ ତଦନ୍ତରେ ବିଳମ୍ବ ହେବା ସହିତ କୌଣସି ମାମଲାର ସମାପ୍ତି ହୋଇପାରୁନାହିଁ।



# ଦୁଇ ସମାନ୍ତର ସରଳରେଖା-ଚେତନା ଓ ଚାତୁର୍ଯ୍ୟ

ବ୍ରଜମୋହନ ମିଶ୍ର

ଯିଏ ଆମ କଥା ଗ୍ରାହ୍ୟ କରିବେ ଆମେ ତାଙ୍କ ମୁଣ୍ଡରେ ସୁନାକଳସ ଢାଳିବୁ, ଆମ ହାତୀ ଉପରେ ସେ ହିଁ ବସିବ, ଆମେ ତାଙ୍କୁ ରାଜ୍ୟପତି କରିଦେବୁ, କୁଳପତି କରିଦେବୁ, ଛତ୍ରପତି କି ଶିକ୍ଷାପତି ବନେଇ ଦେବୁ, ଯେତେ କମିଟି ଥିବ ସେଥିରେ ସେ ହେବେ କାରପଟଦାର। ସେ ଯାହା ହୋଇଥିଲେ ଆମର କ'ଣ ଅଛି ? ସେ ନପୁଂସକ ହୋଇଥିଲେ ଆମେ ତାଙ୍କୁ ପୁରୁଷପୁଙ୍ଗବ ବୋଲି ପ୍ରମାଣ କରିଦେବୁ। ସେ ଅଜ୍ଞ ହୋଇଥିଲେ ଆମେ ତାଙ୍କୁ ବିଜ୍ଞ ପ୍ରମାଣ କରିଦେବୁ। ସେ ଅକାର୍ଯ୍ୟକର୍ତ୍ତା ହୋଇଥିଲେ ସେ ଯେ ସୁକାର୍ଯ୍ୟଦକ୍ଷ ତାହା ପ୍ରମାଣ କରିବାକୁ ପ୍ରୟାସ କରିବାରେ ଆଦୌ ପଶ୍ଚାଦପଦ ହେବୁ ନାହିଁ। ଆମ ପାଇଁ ଏପରି କ୍ରିୟାଯୋଗ ଭିନ୍ନ ଏକ ଆତ୍ମପ୍ରସାଦ ଅନ୍ୟ ଏକ ମରମିକଥା। ଏଥିପାଇଁ ଆମେ ଦୁଃସାହସୀ ଏବଂ ଯେ ଯେତେ ଠିକ୍ କଥା କହିଲେ ମଧ୍ୟ ଆମେ ସେ ସବୁକୁ ନସ୍ୟାତ୍ କରିଦେବୁ। ରାସ୍ତା କରିବା ପାଇଁ ଯେପରି ବୁଲ୍‌ଡୋଜର ମଡ଼ାଯାଏ, ସେହିପରି ଆମ କ୍ଷମତା ରାସ୍ତା ନିର୍ମାଣ ପାଇଁ ଆମେ ଆମ ମର୍ଜିର ବୁଲ୍‌ଡୋଜର ମଡ଼ାଇବାକୁ କାହିଁକି ପରାଙ୍ମୁଖ ହେବୁ ? ଏ ସଂସାରରେ 'ସର୍ଭାଇଭାଲ ଅଫ୍ ଦି ଫିଟେଷ୍ଟ' ବା ଯୋଗ୍ୟତମର ବଞ୍ଚିରହିବାର ଅଧିକାର ଅଛି ବୋଲି ବୈଜ୍ଞାନିକ ସିଦ୍ଧାନ୍ତଟିଏ ଦିଆଯାଇ ନାହିଁକି କେଉଁକାଳରୁ ଡାରଉଇନଙ୍କ ପରି ପ୍ରଖ୍ୟାତ ବୈଜ୍ଞାନିଙ୍କ ଦ୍ୱାରା ? ଆମେ ଯାହା କରୁଛୁ, କେବଳ ସେଇ ମହାତ୍ମାଙ୍କ ସାଧୁବାଣୀ ଅବଲମ୍ବନରେ କରୁଛୁ। ତାଙ୍କ ବକ୍ତବ୍ୟକୁ ବେଦର ମନ୍ତ୍ର ପରି ଗ୍ରହଣ କରି ଶୋଷି ନେଇଛୁ।

ଏବେ ଆମେ ତ କେବଳ ଯୋଗ୍ୟତମ। ତା' ନ ହୋଇଥିଲେ ଜନତାଙ୍କ ଜନାର୍ଦ୍ଦନ ହୋଇପାରି ନ ଥାନ୍ତୁ। କେତେକେତେ ମୁଣ୍ଡିଆଳ ଥାଉ ଥାଉ ଏଇ ସମୂହ ଆମକୁ କାହିଁକି ଇଛିଲେ, ତେଣୁ ବରିଲେ ? ଯେକୌଣସି କନ୍ୟା ତା'ର ଇଚ୍ଛା ଅନୁସାରେ ବରଟିଏ ପାଇବାକୁ ଚାହେଁ ନାହିଁ କି ? ଏଇ ଜନତାରୂପୀ କନ୍ୟା ତା'ର ଇଚ୍ଛାନୁରୂପ ବର ବୋଲି ଆମକୁ ଘେନିଲା ଏବଂ ସ୍ୱୟମ୍ବରରେ ବହୁ ବହୁ ଯୋଗ୍ୟଥିବାବେଳେ ଆମେ ଯୋଗ୍ୟତମ ବୋଲି ତାଙ୍କ ଦ୍ୱାରା ବରଣମାଳା ପ୍ରାପ୍ତ ହେଲୁ। କେବଳ ଯୋଗ୍ୟତମ ବୋଲି । ଆମେ ଆମକୁ ଯୋଗ୍ୟତମ କହିବାରେ କିଛି କ'ଣ ଭୁଲ ଅଛି ନା ସେଥିପାଇଁ ଆମର ସାମାନ୍ୟ ଶୋଚନା ଅଛି ? କାରଣ ଆମେ ସିନା ଅବାଟରେ ଯାଇଥିଲେ ଭୁଲ କରିଥାନ୍ତୁ। ଆମର ଯୋଗ୍ୟତା ହେଉଛି ଯେ ଆମେ ଯୋଗ୍ୟତମ। ଡାରଉଇନଙ୍କ 'ଯୋଗ୍ୟତମ' ଅନୁସାରେ ଆମେ ଯୋଗ୍ୟତମ।



ସେ ହିଁ ଯୋଗ୍ୟତମ ଯେ ଅନ୍ୟମାନଙ୍କୁ ମାଡ଼ିମକଚି ନିଜକୁ କଳେବଳେ କୌଶଳେ ଜାହିର କରିପାରେ। ସମସ୍ତେ କ'ଣ ପରିବେଶ ଓ ପରିସ୍ଥିତିର ଆହ୍ୱାନକୁ ମୁକାବିଲା କରିପାରନ୍ତି। କେବଳ ଯୋଗ୍ୟତମ ହିଁ ସେହି ଅସାଧାରଣ କ୍ରିୟା ସମ୍ପାଦନ କରିପାରେ। ତେଣୁ ଯୋଗ୍ୟତମ ସାଧାରଣ ମାନବ ନୁହଁ, ଅବା ନୁହେଁ ମାମୁଲି ପ୍ରାଣୀଟିଏ। ତା'ର ପ୍ରାଣ ଅଛି ହଁ, ଅନ୍ୟ ପ୍ରାଣୀ ଏପରି କି ତା'ର ପ୍ରଜାପତିର ମଣିଷମାନଙ୍କ ପରି। କିନ୍ତୁ ଅନ୍ୟ ମଣିଷମାନେ ସେହି ମହାର୍ଘ ଗୁଣ ଅର୍ଜନ କରି ନ ଥାନ୍ତି ଯାହା ଆମେ ଅର୍ଜନ କରିଛୁ ବୋଲି ଯୋଗ୍ୟତମ ବୋଲାଉଛୁ। ଏପରି ଉପାଧି ଆମକୁ ବି ମିଳିଛି କାହା କାହା ଦ୍ୱାରା। ହେଲେ ଯେଉଁମାନେ ଆମକୁ ଏପରି ମର୍ଯ୍ୟାଦା ପ୍ରଦାନ କରିଛନ୍ତି ସେମାନେ ଜାଣିନାହାନ୍ତି ଯେ ଆମେ ଯୋଗ୍ୟତମ ହେବା ମୂଳରେ କେଉଁ ଉପାଦନ ବିହିତ। ସତ ତଥା ଦୃଢ଼କରି କହିଲେ ତାହା ହେଉଛି ଆମର ଚାତୁର୍ଯ୍ୟ ଅବା ଚତୁରପଣିଆ।

ଆମେ ଜାଣିଛୁ, ବେଶ୍ ଭଲକରି ଜାଣିଛୁ କେବଳ ଚତୁରମାନେ ଏ ସଂସାରରେ ତିଷ୍ଠିବେ, କାରଣ ସେଇମାନେ ହିଁ ଯୋଗ୍ୟତମ । ଆଉ ଯେଉଁ ମୂର୍ଖକୁବିନ୍ଧମାନେ ଚେତନା କଥା ବାରମ୍ବାର ଓଗାଳିଛନ୍ତି ସେମାନେ କେତେ ତିଷ୍ଠିଛନ୍ତି ତାହା ବିଚାର୍ଯ୍ୟ। ହଁ, ସେମାନଙ୍କୁ କଦବା କେହି କେହି ସ୍ମରଣକୁ ଆଣନ୍ତି ଓ ମାନନ୍ତି। କିନ୍ତୁ ଚତୁରମାନେ ପ୍ରୟୋଗବାଦୀ ତଥା ବାସ୍ତବବାଦୀ ହୋଇଥିବାରୁ ସେମାନେ ବିଜ୍ଞାନୀ କୈବର୍ତ୍ତମାନଙ୍କ ଦ୍ୱାରା ଆଦୃତ ହୁଅନ୍ତି। ଚେତନା କ'ଣ ବାସ୍ତବ ଜୀବନର ଆବଶ୍ୟକତା ପୂରଣ କରିପାରେ ? ପାଞ୍ଚଜଣ ଧାଡ଼ିରେ ଅଛନ୍ତି ଟିକଟ କାଟିବାକୁ। ଚେତନା କହିବ, ''ତୋ ପାଳି ଆସିଲେ, ତୁ ଟିକଟ କାଟିବୁ। ତେଣୁ ମୁଁ ଧସେଇ ପଶେନାହିଁ। ହେଲେ ପକ୍ଷାନ୍ତରରେ ଚତୁରମାନେ ଏପରି ଅବିମୃଶ୍ୟକାରିତାକୁ ନାପସନ୍ଦ କରନ୍ତି। ତାଙ୍କ କାମଟି ଯେକୌଣସି ପ୍ରକାରେ ହେବା ଦରକାର। ତାଙ୍କ ପାଇଁ ଲକ୍ଷ୍ୟ ହାସଲ ବଡ଼, ପନ୍ଥା ବଡ଼ ନୁହଁ, ଟିକଟ ହାସଲ କରିବା ଦରକାର। ତେଣୁ ପଛରେ ଥିଲେ ଧସ୍ତାଧସ୍ତି କରି ଜବରଦସ୍ତି ଆଗକୁ ଯାଇ ସେ ଖଣ୍ଡିକ ହାସଲ କରିବାରେ କେଉଁ ପ୍ରଣବ ଅଶୁଦ୍ଧ ହୋଇଯିବ ? ଏ ତ ହେଉଛି ଯଥାର୍ଥ ପ୍ରୟୋଜକବାଦର ନିଆରା ଦୃଷ୍ଟାନ୍ତ। ଏଥିପାଇଁ ଚତୁର କେତେ ମାତବର ! କେତେ ଯଥାଯଥ ! କେତେ ବାସ୍ତବ ! କ'ଣ ହେବ ଆଦର୍ଶର ଅନୁଧାବନ କରି ? ନିର୍ବାଚନରେ ଜିତିବାକୁ ଚତୁରତା ଦରକାର, ଚେତନା ନୁହଁ। ଚେତନା ତ ଚେତେଇ ଦିଏ, ଭଲ, ମନ୍ଦ ଦେଖେଇ ଦିଏ। ବନ୍ଧୁପରି ହାତଧରି ପାପରୁ ନିବୃତ୍ତ କରାଇ ହିତରେ ଲଗାଇ ଦିଏ। ପକ୍ଷାନ୍ତରେ ଚାତୁର୍ଯ୍ୟ ଯାହା ତତ୍କାଳିକତା ଦ୍ୱାରା ଅନୁପ୍ରେରିତ ଓ ନିୟନ୍ତ୍ରିତ, ତାହା କାର୍ଯ୍ୟ ହାସଲ ପାଇଁ ପାପ କି ଅନ୍ୟାୟ ବି ପ୍ରଚୋଦିତ କରେ। ମୋତେ ନିର୍ବାଚନରେ ଜିତିବାକୁ ହେଲେ ଯାହା ନିଶ୍ଚୟ କରିବା କଥା ତାହା ମୁଁ କରିବାକୁ ଆଦୌ କୁଣ୍ଠାବୋଧ କରିବି ନାହିଁ। ନିର୍ବାଚନ ଜିତିବାକୁ 'ରୁପିଆ'' ଖର୍ଚ୍ଚ କରିବାକୁ ହେବ। କହି ନାହାନ୍ତି କି ବିଶିଷ୍ଟ ବକ୍ତା ''ଟାକା ନିତେ ହବେ, ଟାକା ଦିତେ ହବେ, ଟାକା ରାଖତେ ହବେ'' -(ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ- ପ୍ରଫେସର ମନ୍ମଥନାଥ ଦାସ)। ତେଣୁ ଲକ୍ଷ୍ୟକଲେ ବେଶ୍ ଧରିହୁଏ ଚେତନମାନେ ନୁହନ୍ତି, ଚତୁରମାନେ ନିର୍ବାଚନ ବୈତରଣୀ ଭିନ୍ନ ଏକ ନାବରେ ଭିନ୍ନ ଏକ ନାଉରୀ ଦ୍ୱାରା ପାରିହୋଇ ଯାଆନ୍ତି। ଆଉ ଯେ ଚେତନ ସେ ଭକୁଆ ମାରେ ମାରେ ଚିତ୍‌ପଟାଙ୍ଗ ମାନେ ସେ ହୁଏ ଭଗଜାନୁ ଖାରବେଳ ଏକ ଅସଫଳ ସତ୍ତା, ନିର୍ମୂଳିଲତା, କବିବର ଗୁରୁ ମହାନ୍ତିଙ୍କ 'ଗୋବର ଗଣେଶ'। ସେ କେବେ ବି ଯୋଗ୍ୟତମ ହୋଇପାରେନା ଯଦିଓ ବହୁ ଯୋଗ୍ୟତାରେ ସେ ଝଲସୁଥାଏ। ତା'ପାଖରେ ଥାଏ ଜ୍ଞାନ, ଥାଏ କର୍ମ, ଥାଏ ଭକ୍ତି ଏବଂ ଥାଏ ଯୋଗ ଏବଂ ତା'ର ନିରନ୍ତର ପ୍ରାର୍ଥନା ଥାଏ, ''ଯୁକ୍ତ କରୋ ହେ ସବାର ସଙ୍ଗେ ମୁକ୍ତ କରୋ ହେ ବନ୍ଧ''। ହେଲେ ଅଜ୍ଞାନ, ଅଭକ୍ତି ଓ ଦୁଷ୍କର୍ମ ଦ୍ୱାରା ସେ ବିଯୁକ୍ତ ହୋଇଯାଏ। ତା'ସତ୍ତ୍ୱେ ସେ କାଳକାଳକୁ ଭୀମ ଭୋଇଙ୍କ ବିହନ ହୋଇ ରହେ ଆଉ ଯୋଗ୍ୟତମ ବାପୁଡ଼ା କବିଙ୍କ ଓଜିମାଣ୍ଡିଆର ଦୁଃସ୍ଥିତିରେ ହୁଏ ପ୍ରପୀଡ଼ିତ।

ଯେଉଁ ଆଗଚଲା, କଥାକୁହା କପିଳାମାନେ ଆପଣାକୁ ଯୋଗ୍ୟତର ଭାବି, ଅହଂକାରରେ ଫୁଲି ଉଠି, ''ମହୀମଣ୍ଡଳେ ନାହିଁ ଏମନ୍ତ ଜନ / ମୋ ଅଧିକାରେ ଯେହୁ କରିବ ଛିନ୍ନ'' ସ୍ପର୍ଦ୍ଧା ଫୁଟାଉଛନ୍ତି, ସେମାନେ ଦୟାକରି ଅନ୍ତତଃ ଥରେ ଶୁଣନ୍ତୁ, ''ରେ ଆତ୍ମନ, ନିଦ୍ରା ପରିହରି ଫେଡ଼ି ଚିନ୍ତାର ଲୋଚନ, କର କର ନିରୀକ୍ଷଣ, ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି, ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରି।

**ଅବସରପ୍ରାପ୍ତ ପ୍ରାଧ୍ୟାପକ, ଭଦ୍ରକ**
**ମୋ:୮୦୧୮୦୮୭୮୩୧**



# ବୁଦ୍ଧି ନ ଦିଶଇ ଘରକୁ

ରାଧାଶ୍ୟାମ ରାଉଳ

ଆଜ୍ଞା, କଥାରେ ଅଛି ''କହିଦେଉଥାଏ ପରକୁ, ବୁଦ୍ଧି ନ ଦିଶଇ ଘରକୁ !'' ଏ ଉକ୍ତିର ଅର୍ଥ ହେଲା ପର ବା ଅନ୍ୟମାନେ ଆପଣଙ୍କ କଥା ଶୁଣୁଥିବା, ବୁଝୁଥିବା ବେଳେ ଘରଲୋକମାନେ ତାହାକୁ ଠିକ୍ ଭାବରେ ଶୁଣନ୍ତି ନାହିଁ କି ବୁଝନ୍ତିନାହିଁ। ଅନ୍ୟମାନେ ଆପଣଙ୍କୁ ଆଦର୍ଶ, ମାର୍ଗଦର୍ଶକ ଭାବେ ଗ୍ରହଣ କରି ଆପଣଙ୍କ କଥାକୁ ଗୁରୁତ୍ୱ ଦେଇ ତାହାକୁ କାର୍ଯ୍ୟରେ ରୂପାନ୍ତରିତ କରିବା ସହ ଆପଣଙ୍କ ବ୍ୟକ୍ତିତ୍ୱ, ସାଧନା, ପ୍ରତିଭାକୁ ସ୍ୱୀକୃତି ଓ ସମ୍ମାନ ଦେଉଥିବା ବେଳେ, ଘରଲୋକ ଆପଣଙ୍କ କଥାକୁ ଗୁରୁତ୍ୱ ନ ଦେବା ଭାଗ୍ୟର ବିଡମ୍ବନା ନିଶ୍ଚୟ ! ଅନ୍ୟମାନଙ୍କ ପାଖରୁ ଆପଣ ସଫଳତା ସାଉଣ୍ଟୁଥିବା କିମ୍ବା ବିଜୟ ହାସଲ କରୁଥିବାବେଳେ ଘରେ ପରିବାରରେ ନିଜଲୋକମାନଙ୍କ ପାଖରେ ଆପଣଙ୍କୁ ବିଫଳତା ଓ ପରାଜୟବରଣ କରିବାକୁ ପଡୁଛି !

ସ୍ୱଭାବରେ ସଂଯମୀ, ବିନୟୀ, ସମୟାନୁବର୍ତ୍ତୀ, ସତ୍ୟନିଷ୍ଠ, ନୀତିନିଷ୍ଠ, କର୍ତ୍ତବ୍ୟନିଷ୍ଠ ହେବା ଆମେ ଆମ ଗୋସବାପା,ଜେଜେବାପା,ବାପା ଓ ଅନ୍ୟାନ୍ୟ ଗୁରୁଜନଙ୍କ ପାଖରୁ ଶିଖିଆସିଛୁ। ବଂଶାନୁକ୍ରମିକ ନ୍ୟାୟରେ ଏସବୁ ଭଲ ଗୁଣ। ଉତ୍ତମ ସ୍ୱଭାବ, ଶୃଙ୍ଖଳା, ସଦାଚାର, ସଂସ୍କାରର ଉତ୍ତରାଧିକାରୀ ଆମେ ହୋଇଆସୁଥିବା ବେଳେ ଆମର ପରବର୍ତ୍ତୀ ପିଢ଼ି ଏସବୁର କିଛି ଧାର ଧାରନ୍ତି ନାହିଁ। ପାଠ ପଢି ଉଚ୍ଚଶିକ୍ଷିତ ହେଉଛନ୍ତି ସତ ସ୍ୱପ୍ନ, ସମ୍ଭାବନା, ସଂଯମତା, ସଚେତନତା, ଲକ୍ଷ୍ୟ, ଯୋଜନା, ସାଧନା, ସୃଜନଶୀଳତା ଏବଂ ସର୍ବୋପରି ପ୍ରତ୍ୟୁତ୍ପନ୍ନମତିତାକୁ ନେଇ ଭବିଷ୍ୟତ ଜୀବନ ଗଢ଼ିବା କ୍ଷେତ୍ରରେ ଏମାନେ ପ୍ରାୟ ଉଦାସୀନ,ବୀତସ୍ପୃହ ହେଉଛନ୍ତି। ଏକ ନିୟନ୍ତ୍ରିତ ଓ କ୍ରିୟାଶୀଳ ଜୀବନ ବିତେଇବାକୁ ଏମାନେ ଆଦୌ ଆଗ୍ରହୀ ନୁହନ୍ତି। ଅଧିକନ୍ତୁ ବେପରୁଆ ଜୀବନ ଜିଇବାକୁ ଏମାନେ ସତେଯେମିତି ଗୋଟାପଣେ ଆଗ୍ରହୀ।

ଏବେ ବଂଶାନୁକ୍ରମିକ ସମ୍ପର୍କ ବା ପିଢ଼ି ସମନ୍ୱୟ ରହୁନାହିଁ। ଆମ ପିଢ଼ି କିମ୍ବା ପୂର୍ବ ପିଢ଼ିର ବ୍ୟକ୍ତିମାନଙ୍କୁ ବର୍ତ୍ତମାନ ପିଢ଼ିର ବ୍ୟକ୍ତିମାନେ ମାନିବାକୁ ପ୍ରସ୍ତୁତ ନୁହନ୍ତି। ସଦାସର୍ବଦା ବ୍ୟସ୍ତ,ବିବ୍ରତ ଓ ଅଧୈର୍ଯ୍ୟ ହେବା ବର୍ତ୍ତମାନ ପିଢ଼ିର ବ୍ୟକ୍ତିଙ୍କର ଅଭ୍ୟାସ । ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟକୁ ନେଇ ଏମାନେ ଆଦୌ ଚିନ୍ତିତ ନୁହନ୍ତି। ଦିଗଭ୍ରଷ୍ଟ, ଲକ୍ଷ୍ୟଭ୍ରଷ୍ଟ ହୋଇ ଏମାନେ ଭୁଲ୍ ରାସ୍ତାରେ ଚାଲିଛନ୍ତି।

ପରକୁ ବା ଅନ୍ୟକୁ କିଛି କହିବା ପୂର୍ବରୁ ନିଜେ ଭାବିବା ଉଚିତ ଯେ, ଯାହା ଅନ୍ୟକୁ କହିବାର କଥା, ତାହା ଅନ୍ୟଦ୍ୱାରା କେତେଦୂର ଗ୍ରହଣଯୋଗ୍ୟ ହେବ ? କାରଣ 'ପର' ବା 'ଅନ୍ୟ' ଆତ୍ମୀୟ ନୁହନ୍ତି,ସମ୍ପୂର୍ଣ୍ଣ ଅନାତ୍ମୀୟ। ଆତ୍ମୀୟଙ୍କୁ ଯେଉଁ କଥା କହିବା ଦରକାର, ତାକୁ ଅନାତ୍ମୀୟଙ୍କୁ କହିବା ଦରକାର ନାହିଁ। ସେହିପରି ଅନାତ୍ମୀୟଙ୍କୁ ଯେଉଁ କଥା କହିବାକୁ ଅଛି ତାକୁ ଆତ୍ମୀୟଙ୍କୁ କହିବା ଅନୁଚିତ। ତେବେ ଅନ୍ୟମାନେ ସମସ୍ତେ ଯେ ଆମ କଥାକୁ ଆଗ୍ରହର ସହ ଶୁଣିବେ କିମ୍ବା ଆମ କଥାକୁ ଭୁଲ୍ ଅର୍ଥରେ ବୁଝିବେନାହିଁ, ଏମିତି କିଛି ମାନେ ନାହିଁ। କେହିକେହି



ଆମ କଥାକୁ ଓଲଟା ବୁଝି ହୁଏତ ଆମ ବିରୋଧରେ ଶବ୍ଦାସ୍ତ୍ର ପ୍ରୟୋଗ କରିପାରନ୍ତି ,'ହୁଁ, ଦେଖ ହୋ, କହିଦେଉଥାଏ ପରକୁ, ବୁଦ୍ଧି ନ ଦିଶଇ ଘରକୁ !'

ଅନେକ କ୍ଷେତ୍ରରେ ଦେଖାଯାଏ, ସମାଜରେ ଆମେ ସମ୍ମାନଜନକ ପଦପଦବୀରେ ଥାଇ, ହାତରେ ପ୍ରଶାସନିକ, ଆର୍ଥିକ, ନ୍ୟାୟିକ କ୍ଷମତା ଥାଇ ମଧ୍ୟ ନିଜଘରକୁ ଠିକ୍ ଭାବରେ ପରିଚାଳନା ଏବଂ ଘରର ସଦସ୍ୟମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା, ସୁନ୍ଦର ସମନ୍ୱୟ ରକ୍ଷାକରିବା କ୍ଷେତ୍ରରେ ଆମେ ବିଫଳ ହେଉଛୁ। ଜଣେ ବିଚାରକ, ପ୍ରଶାସକ ଭାବରେ ନାନା ସମସ୍ୟା ଓ ମାମଲାର ସମାଧାନ କରି ଅନ୍ୟମାନଙ୍କୁ ନ୍ୟାୟ ପ୍ରଦାନ କରୁଥିବା ବେଳେ, ଆମ ନିଜ ଘରେ ଆତ୍ମୀୟସ୍ୱଜନ ପ୍ରିୟ ପରିଜନଙ୍କ ପାଖରେ ଆମର ବିଚାର, ନିଷ୍ପତ୍ତି, ଆଦେଶ, ଉପଦେଶ,ପରାମର୍ଶ କାମ କରେନାହିଁ। ଭାବିଦେଖିଲେ, ଆମେ ଆମ ଘରେ କେତେ ଅସହାୟ ସତରେ!

ଅବଶ୍ୟ ଏକଥା ମଧ୍ୟ ସତ୍ୟ ଯେ, ଆମ ଭିତରୁ ଅନେକେ ଦୋମୁହାଁ ନୀତିର ଧାରକ, ଛଦ୍ମବେଶୀ, ପ୍ରତାରକ ! ବାହାରେ ସଂସ୍କାରକ, ସମାଜସେବୀ, ବୁଦ୍ଧିଜୀବୀ, ସମ୍ଭ୍ରାନ୍ତ, ସଜ୍ଜନ, ମହାରାଜ, ମାନ୍ୟବର ବୋଲାଉଥିବା ବେଳେ ଘରେ ପ୍ରତୀୟମାନ ହୁଅନ୍ତି ଅସଲ ସ୍ୱରୂପରେ ! ସଭାମଞ୍ଚରେ ଆଦର୍ଶ ଘରର ବ୍ୟାଖ୍ୟା କରିବାକୁ ଯାଇ 'ବୈକୁଣ୍ଠ ସମାନ ଆହା ଅଟେ ସେଇ ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର'ର ବକ୍ତବ୍ୟ ରଖୁଥିବା ବ୍ୟକ୍ତିଙ୍କ ଘରେ ଘଟୁଛି ଅଭାବନୀୟ ଓ ଅପ୍ରୀତିକର ପରିସ୍ଥିତ। ସ୍ନେହ, ଶ୍ରଦ୍ଧା, ସମ୍ମାନ, ପ୍ରେମ, ମମତା ପରିବର୍ତ୍ତେ ଘରେ ପରସ୍ପର ପ୍ରତି ଘୃଣା, ହିଂସା, ଈର୍ଷା, ସନ୍ଦେହ, ବିଦ୍ୱେଷ, ଅସହିଷ୍ଣୁତା ବୃଦ୍ଧିପାଉଛି। ବାହାରେ କହୁଛନ୍ତି, ସୁଖମୟ ଦାମ୍ପତ୍ୟର ସଫଳ ସୂତ୍ର। ଘରେ କିନ୍ତୁ ଦାମ୍ପତ୍ୟରେ ମୁଣ୍ଡ ଟେକୁଛି ସନ୍ଦେହ, ବିବାଦ ଏବଂ ସୃଷ୍ଟି ହେଉଛି ଝଡ଼, ବିସମ୍ବାଦ ! ବାହାରେ ଅନୁଗତ,ସମର୍ଥକ,ପ୍ରଶଂସକମାନଙ୍କ ଗହଣରେ ଚାଲୁଥିବା ବ୍ୟକ୍ତି ନିଜ ଘରେ କିନ୍ତୁ ଅଖୋଜା, ଅଲୋଡ଼ା କୋଣଠେସା । ବିଡମ୍ବନା ଓ ହାସ୍ୟାସ୍ପଦର ବିଷୟ ଏହିକି ଯେ, ବାହାର ଦୁନିଆରେ ଆମେ ଯେତେମାତ୍ରାରେ ଚର୍ଚ୍ଚିତ, ବା ଆଦୃତ ହେଉଛୁ, ନିଜ ଘରେ ଘରଲୋକ ଓ ଆତ୍ମୀୟସ୍ୱଜନଙ୍କ ପାଖରେ ସେତେମାତ୍ରାରେ ଚର୍ଚ୍ଚିତ, ଆଦୃତ ହୋଇପାରୁନାହୁଁ। କେଉଁଠି ନା କୋଉଁଠି ପାରସ୍ପରିକ ସମ୍ପର୍କ, ବୁଝାମଣା, ସ୍ନେହ, ଆଦର, ଭଲପାଇବା ଓ ଭାବ ବିନିମୟ କ୍ଷେତ୍ରରେ ଅଭାବ ରହିଯାଉଛି ପାରିବାରିକ ଜୀବନରେ।

ତେବେ ଏକଥା ସତ୍ୟ ଯେ,'ପର' ବା ଅନ୍ୟମାନେ କଦାପି ଘରଲୋକ ହୋଇପାରିବେ ନାହିଁ ଏବଂ ଘରଲୋକଙ୍କୁ କେବେ ପର ଭାବି ହେବନାହିଁ। ଅତଏବ ପରକୁ କହିବା ମନା ନାହିଁ କିନ୍ତୁ ଘରକୁ ବି ଦେଖିବାକୁ ଅଛି, ସଜାଡ଼ିବାର ଅଛି। ଆଗ ଘର, ତା ପଛକୁ ପର। ନିଜ ଘରକୁ ନ ସଜାଡି, ନ ସମ୍ଭାଳି, ପରକୁ କହିବାର ଅର୍ଥ; ''କହିଦେଉଥାଏ ପରକୁ, ବୁଦ୍ଧି ନ ଦିଶଇ ଘରକୁ'' ନୁହେଁ କି ?

**ମର୍କତନଗର, ସେକ୍ଟର୍ :୬,କଟକ**
**ମୋ:୯୪୩୭୦୯୦୯୮୫**

## ଏଇ ଭାରତରେ

ଗୋଟେ ମଇଁଷିର ଦାମ୍ ୧ କିମ୍ବା ୨ ଲକ୍ଷ ହେଲେ ତାହା ଦେଖିବା ଭଳି ହୋଇଥିବ ବୋଲି ଲୋକେ କହନ୍ତି। ତେବେ ଦାମ୍ ଲକ୍ଷ ଘର ଡେଇଁ କୋଟି ଘରେ ପହଞ୍ଚିଥିବା କଥା ହୁଏତ କେହି ଭାବି ନ ଥିବେ। ହେଲେ ଉତ୍ତରପ୍ରଦେଶ ମେରଟ୍‌ସ୍ଥିତ ସରଦାର୍ ବଲ୍ଲଭଭାଇ ପଟେଲ କୃଷି ବିଶ୍ୱ ବିଦ୍ୟାଳୟର ପ୍ରଦର୍ଶନୀରେ ପହଞ୍ଚିଥିବା ମଇଁଷିର ଦାମ୍ ୯ କୋଟି, ୧୦ କୋଟି କିମ୍ବା ୨୩ କୋଟି ଟଙ୍କା, ଯାହା ଅନେକଙ୍କୁ ଆଚମ୍ବିତ କରିଛି। ଏତେ ଦାମ୍ ସତ୍ତ୍ୱେ ଏହି ମଇଁଷିଙ୍କୁ ବିକ୍ରି କରାଯାଏ ନାହିଁ। ବରଂ ଖୁବ୍ ଯତ୍ନରେ ଏମାନଙ୍କ ରକ୍ଷଣାବେକ୍ଷଣ କରାଯାଏ। ବିଶ୍ୱବିଦ୍ୟାଳୟର ଅଧିକାରୀଙ୍କ କହିବା ଅନୁସାରେ ଏଠାରେ ଏହି ସବୁ ମଇଁଷିଙ୍କୁ କୃତ୍ରିମ ଗର୍ଭଧାରଣ ନିମନ୍ତେ ବ୍ୟବହାର କରାଯାଉଛି। ଏହା ବ୍ୟତୀତ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ହେଉଥିବା ପ୍ରଦର୍ଶନୀରେ ମଧ୍ୟ ଏହି ମଇଁଷି ଭାଗ ନେଇଥାନ୍ତି ଓ ଲକ୍ଷ ଲକ୍ଷ ଟଙ୍କା ରୋଜଗାର ବିକରିଥାନ୍ତି। ଏହିଅର୍ଥ ସେମାନଙ୍କ ଯତ୍ନ ନେବାରେ ଖର୍ଚ୍ଚ କରାଯାଉଛି। କାରଣ ଏମାନଙ୍କର ସିମେନ୍‌ର ଖୁବ୍ ଚାହିଦା ରହିଛି ଓ ଲୋକେ ଚଢ଼ା ଦାମ୍‌ରେ ନେବାପାଇଁ ବି ପ୍ରସ୍ତୁତ ଥାନ୍ତି। କେବଳ ଜାତୀୟ ସ୍ତରରେ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଏହି ମଇଁଷିଙ୍କର ଏହି ସିମେନ୍‌ର ବହୁ ଚାହିଦା ରହିଛି। ସେଥିପାଇଁ ଦେଶ ବିଦେଶର ବିଭିନ୍ନ ସ୍ଥାନକୁ ଏମାନଙ୍କ ସିମେନ୍ ବିକ୍ରି କରାଯାଇଥାଏ। ଏବେ ସୁଦ୍ଧା ଏମାନଙ୍କ ଠାରୁ ହଜାର ହଜାର ସଂଖ୍ୟାରେ ଉନ୍ନତ ପ୍ରଜାତିର ମଇଁଷି ସୃଷ୍ଟି ହୋଇ ସାରିଲାଣି।

## ଚିରନ୍ତନୀ

କେବେ ବା ଆଷାଢ଼ ପହିଲା
ଦିବସେ
ତରୁଣ ତରୁଣୀ ପୀରତି ଗାଥା
ଦୂରେ ଦୂରେ ରହି ଫିଟୁଥିଲା କେତେ
ନବ ଜୀବନର ନୂତନ ଖାତା
-(ପ୍ରେମର ଅର୍ଥ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | | 3 | | | 5 |
| 9 | | | | 7 | | 1 | | |
| 6 | | | | | | | | 4 |
| | | | 8 | | 5 | 4 | | |
| | | 5 | | | | | | 8 |
| | | | | 2 | 1 | | | |
| | 8 | | | | 6 | 9 | 5 | |
| | 2 | | | | 8 | | | |
| | | 4 | | 9 | | | 3 | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 7 | 6 | 5 | 3 | 9 | 1 | 8 | 2 |
| 2 | 3 | 1 | 4 | 6 | 8 | 5 | 9 | 7 |
| 8 | 5 | 9 | 2 | 7 | 1 | 6 | 3 | 4 |
| 7 | 4 | 3 | 8 | 5 | 2 | 9 | 1 | 6 |
| 1 | 6 | 8 | 7 | 9 | 4 | 2 | 5 | 3 |
| 5 | 9 | 2 | 3 | 1 | 6 | 7 | 4 | 8 |
| 6 | 8 | 5 | 9 | 2 | 3 | 4 | 7 | 1 |
| 9 | 2 | 4 | 1 | 8 | 7 | 3 | 6 | 5 |
| 3 | 1 | 7 | 6 | 4 | 5 | 8 | 2 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ

ମହାଶୟ,
ପ୍ରତ୍ୟେକ ଜାତିର ସାଂସ୍କୃତିକ ମୂଲ୍ୟାୟନ ସାଧାରଣତଃ ଏହାର ସାଂସ୍କୃତିକ ନେତୃତ୍ୱ ଓ ଗରିମାକୁ ନେଇ ହୋଇଥାଏ। ଭାରତରେ ଏବେ ଶ୍ରୀରାମଙ୍କ ପ୍ରତି କିଛି ବର୍ଗର ଲୋକଙ୍କ ମନରେ ଅସହନଶୀଳତା ଏତେ ବଢ଼ିଛି ଯେ ତାହା ଏବର୍ଷର ରାମନବମୀ ଉତ୍ସବ ପାଳନ ବେଳେ ହିଂସାରୁ ଦେଖିବାକୁ ମିଳିଛି। ଏସବୁ ଘଟଣା ଦେଶ ପାଇଁ ଅତ୍ୟନ୍ତ ଚିନ୍ତାର ବିଷୟ। ଏ ରୀତି ଅନେକ ଦିନ ଚାଲି ଆସିଛି। ଭାରତୀୟ ସମ୍ବିଧାନରେ ସମସ୍ତଙ୍କୁ ସମାନ ଆଇନଗତ ଅଧିକାର ଦିଆଯାଇଛି । ସେଠାରେ ଧର୍ମୀୟ ସହନଶୀଳତା କାହିଁକି ପ୍ରକାଶ ପାଉଛି। କୌଣସି ଶୋଭାଯାତ୍ରା ଉପରକୁ ପଥର ଫିଙ୍ଗି ତାହାର ବାତାବରଣକୁ ଖରାପ କରିବା ପଛରେ ଯେଉଁ ନେତାମାନେ ରହୁଛନ୍ତି ସେମାନଙ୍କୁ ଚିହ୍ନଟ କରିବା ଦରକାର। ଏଭଳି ଘଟଣା ପାଇଁ ପ୍ରଥମେ ସେହି ନେତାମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ, ଯେଉଁମାନେ ପଥର ଫିଙ୍ଗାଳିଙ୍କୁ ରକ୍ଷା କରିବା ପାଇଁ ଆସୁଛନ୍ତି।

**ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

## ଆଭ୍ୟନ୍ତରୀଣୟ ସୁରକ୍ଷା ଅପରିହାର୍ଯ୍ୟ

ବିଶ୍ୱର ଏକାଧିକ ଭବିଷ୍ୟତ ଦ୍ରଷ୍ଟା ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ବିଭିନ୍ନ ବ୍ୟାଖ୍ୟା ଏବଂ ଭବିଷ୍ୟବାଣୀ ପ୍ରକାଶ କରିଯାଇଛନ୍ତି। ଆମ୍ଭମାନଙ୍କର ଖାମଖିଆଲ ଗୁଣ ଯୋଗୁ ଆମେ ସମୟର ସଦ୍ ଉପଯୋଗ କରିପାରୁନାହାନ୍ତି। ଏହାଠାରୁ ଦୁଃଖଦ ବିଷୟ କ'ଣ ଥାଇପାରେ ? ଆମ ଦେଶ ଓ ରାଜ୍ୟର ଯୁବବନ୍ଧୁ, ଭବିଷ୍ୟତ ଦାୟାଦ ସ୍ୱସଚେତନ ସ୍ୱରୂପ ସୁକାର୍ଯ୍ୟରୁ ଦୂରେଇ ଯାଉଛନ୍ତି। କହିବା ବାହୁଲ୍ୟ ଏହା ଏକ ସୁନ୍ଦର ବିଶ୍ୱ ଗଢ଼ିତୋଳିବାରେ ଅନ୍ତରାୟ ସାଜୁଛନ୍ତି । ବଣର ସିଂହ ଯଦି ନିଦ୍ରାଗଲେ ମାଂସ କ'ଣ ଆପେ ଆପେ ତା' ଉଦରଗ୍ରସ୍ତ ହେବ ? ଆମକୁ କଠିନ ପରିଶ୍ରମ କରିବାକୁ ହେବ। ଦେଶର ଆଭ୍ୟନ୍ତରୀଣ ବ୍ୟବସ୍ଥାର ସୁରକ୍ଷା କରିବାକୁ ପଡ଼ିବ। ଏହା ହିଁ ଯୁବବର୍ଗଙ୍କ ଉପରେ ନିର୍ଭର କରେ। ସେମାନେ ଜାଗ୍ରତ ହେବା ଆବଶ୍ୟକ।

**ଆଦିକନ୍ଦ ସାହୁ, ଏକମାଣିଆ, ଆଳି, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କମିଲା ହୀରାକୁଦ ଜଳଭଣ୍ଡାର ଜଳସ୍ତର

ସମ୍ବଲପୁର,୨୯।୪(ଭବାନୀ ଶଙ୍କର ଭୋଇ)

ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ହୀରାକୁଦ ଡ୍ୟାମର ଜଳସ୍ତର କମିବାରେ ଲାଗିଛି। ଗତବର୍ଷ ତୁଳନାରେ ଏପ୍ରିଲ ଶେଷ ସୁଦ୍ଧା ଜଳସ୍ତର ପ୍ରାୟ ୩ ଫୁଟ କମ୍ ରହିଛି। ହୀରାକୁଦ ବନ୍ଧ ୱେବସାଇଟରେ ରହିଥିବା ସୂଚନା ଅନୁସାରେ ୨୦୨୪ ଆଜିର ଦିନରେ ଜଳଭଣ୍ଡାରର ଜଳସ୍ତର ୬୧୩.୫୦ ଫୁଟ ଥିବାବେଳେ ବର୍ତ୍ତମାନ ଏହା ୬୦୯.୯୭ ଫୁଟ ରହିଛି। ସେଥିପାଇଁ ହୀରାକୁଦ ବନ୍ଧ ଭିତରେ ଶୁଖିଲା ଭୂଇଁ ଦେଖିବାକୁ ମିଳୁଛି। ଓଡ଼ିଶାର ଜୀବନରେଖା କୁହାଯାଉଥିବା ହୀରାକୁଦ ଡ୍ୟାମରେ ଜଳ ସଙ୍କଟ ସାରା ଓଡ଼ିଶାରେ ପ୍ରଭାବ ପକାଇବ। ଆଗକୁ ଜଳସ୍ତର ଅଧିକ ଖସିଲେ ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା ରହିଛି।

ଗ୍ରୀଷ୍ମଋତୁରେ ମହାନଦୀରେ ପାଣି କମିବା ସ୍ୱାଭାବିକ। ତେବେ ଛତିଶଗଡ଼ରେ ବହୁସଂଖ୍ୟାରେ ଡ୍ୟାମ, ବ୍ୟାରେଜ ତିଆରି ହେବା ପରେ ତଳମୁଣ୍ଡକୁ ପାଣି ଆଦୌ ଛଡାଯାଉ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ଗତକିଛି ବର୍ଷ ହେଲା ଛତିଶଗଡ଼ରୁ ଅଣମୌସୁମୀ ସମୟରେ ଆଦୌ ଜଳ ପ୍ରବାହିତ ହେଉନାହିଁ। ଓଡ଼ିଶା ଓ ଛତିଶଗଡ ମଧ୍ୟରେ ମହାନଦୀ ଜଳ ବିବାଦର ସମାଧାନ ହୋଇପାରୁନାହିଁ। ୨୦୧୮ ମସିହା ପୂର୍ବରୁ ହୀରାକୁଦ ବନ୍ଧର ଜଳ ପରିଚାଳନାକୁ ନେଇ ସୂଚନା ସର୍ବସାଧାରଣରେ ଉପଲବ୍ଧ ରହୁଥିଲା। ମହାନଦୀ ବିବାଦ ଆରମ୍ଭ ହେବା ପରେ ହୀରାକୁଦ ବନ୍ଧ କର୍ତ୍ତୃପକ୍ଷଙ୍କୁ ଖୋଲାଖୋଲି ଭାବେ ସୂଚନା ଦେବାକୁ ବାରଣ କରାଯାଇଛି। ତେଣୁ ସେମାନେ ମଧ୍ୟ ୨୦୧୮ ପରଠାରୁ ଏନେଇ କୌଣସି ଖୋଲା ଟିପ୍ପଣି କରୁନାହାନ୍ତି। ବର୍ତ୍ତମାନ ମହାନଦୀ ଜଳକୁ ନେଇ ଟ୍ରିବ୍ୟୁନାଲରେ ମାମଲା ଚାଲିଛି। କିନ୍ତୁ ଉଭୟ ରାଜ୍ୟର ସରକାରଙ୍କ ମଧ୍ୟରେ ଆଲୋଚନା ହେଉନାହିଁ। ବର୍ଷା ଋତୁରେ ବନ୍ୟା ପରିଚାଳନା ନେଇ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା କରାଯାଉଥିବା ବେଳେ ଗ୍ରୀଷ୍ମଋତୁରେ ସେଭଳି କୌଣସି ବୈଠକ କରାଯାଉନାହିଁ। ଯଦ୍ୱାରା ଅଣମୌସୁମୀରେ ମହାନଦୀ ଜଳ ପରିଚାଳନା ନେଇ ଉଭୟ ରାଜ୍ୟ ମଧ୍ୟରେ ସମନ୍ୱୟ ନାହିଁ। ଏ ସଂକ୍ରାନ୍ତରେ ହୀରାକୁଦ ବନ୍ଧର ମୁଖ୍ୟଯନ୍ତ୍ରୀ ଶୁଶିଲ କୁମାର ବେହେରା କହିଛନ୍ତି ଯେ, ଗତବର୍ଷ ତୁଳନାରେ ଏପ୍ରିଲ ମାସରେ ହୀରାକୁଦରେ ୩ ଫୁଟ କମ୍ ପାଣି ରହିଛି। ବର୍ଷା ଋତୁର ଶେଷ ସମୟରେ ବର୍ଷା ପରିମାଣ କମ୍ ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିଥାଏ। ତେବେ ହୀରାକୁଦର ଜଳସ୍ତର ଗ୍ରୀଷ୍ମ ଶେଷ ସୁଦ୍ଧା ସର୍ବନିମ୍ନ ୫୯୦ଫୁଟ ରହିବା ଜରୁରୀ। ତେଣୁ ବର୍ତ୍ତମାନ ସ୍ଥିତିରେ ଆବଶ୍ୟକତାଠାରୁ ଅଧିକ ଜଳ ହୀରାକୁଦ ବନ୍ଧରେ ରହିଛି। ସେଭଳି କୌଣସି ସମସ୍ୟା ଏଯାବତ ଉପୁଜି ନ ଥିବା ସେ କହିଛନ୍ତି।


ହୀରାକୁଦ ବନ୍ଧ।

# ୭ ଦିନରେ ମା’ ହେଲେ ୨ ନାବାଳିକା

ଖୋର୍ଦ୍ଧା,୨୯।୪(ପ୍ରଭାତ ପାଣିଗ୍ରାହୀ)

ବାଲ୍ୟ ବିବାହ ରୋକିବା ଦିଗରେ ସରକାରଙ୍କ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଥିଲେ ମଧ୍ୟ ଖୋର୍ଦ୍ଧା ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗତ ୭ଦିନ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୁଇ ଜଣ ନାବାଳିକା ମା’ ହୋଇଛନ୍ତି। ଗତ ୨୬ତାରିଖ ଅପରାହ୍ନରେ ଜଣେ ୧୬ବର୍ଷୀୟା ନାବାଳିକା ଶିଶୁପୁତ୍ରଙ୍କୁ ଜନ୍ମ ଦେଇଥିବା ନେଇ ମେଡିକାଲର ପ୍ରସୂତି ବିଭାଗର ଜଣେ ଡାକ୍ତର ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗତ ୨୩ତାରିଖରେ ମଧ୍ୟ ଜଣେ ୧୪ବର୍ଷୀୟା ନାବାଳିକା ଏକ ସନ୍ତାନ ଜନ୍ମ ଦେଇଛନ୍ତି।

### ଥାନାରେ ଅଭିଯୋଗ କଲେ ଡାକ୍ତର

ତେବେ ପୂର୍ବରୁ ମଧ୍ୟ ଏଭଳି ଘଟଣା ଘଟିଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ମେଡିକାଲରେ ସନ୍ତାନ ଜନ୍ମ ଦେଉଥିବା ନାବାଳିକାଙ୍କ ସ୍ୱାମୀଙ୍କ ନାମ ମଧ୍ୟ ଉଲ୍ଲେଖ କରାଯାଉଛି। ଫଳରେ ଜିଲାରେ ଏବେ ବି ନାବାଳିକାଙ୍କ ବିବାହ ହେଉଛି। ଜଣେ ନାବାଳିକା ଗର୍ଭଧାରଣଠାରୁ ସ୍ଥାନୀୟସ୍ତରରେ ଆଶା, ଅଙ୍ଗନୱାଡି କର୍ମୀମାନେ ତାଙ୍କ ନାମ ମମତା ଯୋଜନାରେ ନାମ ପଞ୍ଜୀକରଣ ସହ ଅନ୍ୟାନ୍ୟ ସୁବିଧା ପାଇଁ ଜାତୀୟ ପୋଷଣ ଯୋଜନାରେ ନାମ ପଞ୍ଜୀକରଣ କରିଥାନ୍ତି। ତେବେ ସେହି ସମୟରେ ସମନ୍ୱିତ ଶିଶୁ ବିକାଶ ବିଭାଗ କିଭଳି ଏହାକୁ ପ୍ରୋତ୍ସାହନ ଦେଉଛି, ଏହା ଉଦ୍‌ବେଗଜନକ ବିଷୟ। ଅନ୍ୟପଟେ ସେମାନଙ୍କୁ ପ୍ରସବ ପାଇଁ ମେଡିକାଲକୁ ଆଣୁଥିବା ଆଶା କର୍ମୀ ସବୁ ଜାଣି ମଧ୍ୟ କିଭଳି ଏହାକୁ ପ୍ରୋତ୍ସାହନ ଦେଉଛନ୍ତି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ପ୍ରଶାସନର ଅବହେଳା ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟର କାର୍ଯ୍ୟଦକ୍ଷତା ଉପରେ ଅଙ୍ଗୁଳି ଉଠିଛି। ଏ ସମ୍ପର୍କରେ ଉପଜିଲାପାଳ କିଶୋର ଚନ୍ଦ୍ର ପଣ୍ଡା କହିଛନ୍ତି, ଏହା ଏକ ଉଦ୍‌ବେଗଜନକ ବିଷୟ। ଏଭଳି ଦୁଇଟି ଅଭିଯୋଗ ଗଣମାଧ୍ୟମ ପ୍ରତିନିଧିଙ୍କ ମାଧ୍ୟମରେ ଖବର ପାଇଛି। ଏ ସଂକ୍ରାନ୍ତରେ ସିଡିଏମ୍‌ଓ ଏବଂ ସିଡିପିଓଙ୍କ ସହ ଆଲୋଚନା କରାଯିବ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଭାରପ୍ରାପ୍ତ ଅଧୀକ୍ଷକ ଡା.ଏସ୍.ପି. ମିତ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ପରିବାର କଲ୍ୟାଣ) ଡା. ବିଶ୍ୱନାଥ ପାଢୀ କହିଛନ୍ତି, ମେଡିକାଲରେ କାହାରିକୁ ଶିଶୁଜନ୍ମ ଦେବାରେ ମନା କରାଯାଇପାରିବ ନାହିଁ। ଏହି ଘଟଣାର ଯେଭଳି ପୁନରାବୃତ୍ତି ନ ଘଟିବ, ସେନେଇ ଆଶା ଓ ଅଙ୍ଗନୱାଡି କର୍ମୀ ଏବଂ ସିଡିପିଓମାନଙ୍କ ସହ ଆଲୋଚନା କରାଯିବ।

## ଦାମୋଦରପୁର ଗ୍ରାମରେ ଦୂର ହେବ ଲୋ ଭୋଲଟେଜ ସମସ୍ୟା

କଟକ ସଦର,୨୯।୪(ସୁଶାନ୍ତ କୁମାର ଜେନା)

କନ୍ଦରପୁର ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ମଙ୍ଗଳବାର ନୂତନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଆୟଉପୁର ସରପଞ୍ଚ ରାକେଶ ବେହେରା ଉଦ୍‌ଘାଟନ କରିଛନ୍ତି। ଏବେ ବ୍ରାହ୍ମଣବାଡ ଖରୁଡାସାହି, ଦାମୋଦରପୁର ଲେଙ୍କାସାହି ଓ ମଲ୍ଲିକ ସାହିର ବିଦ୍ୟୁତ୍ ଉପଭୋକ୍ତାମାନେ ଉପକୃତ ହେବେ। ପୂର୍ବରୁ ଏହି ଅଞ୍ଚଳର ଉପଭୋକ୍ତାମାନେ ଲୋ ଭୋଲଟେଜ ସମସ୍ୟା ଭୋଗୁଥିଲେ। ଉଦ୍‌ଘାଟନୀରେ ୱାର୍ଡ଼ ସଭ୍ୟ ଗୋଲେଖ ବିହାରୀ ଲେଙ୍କା, ରବୀନ୍ଦ୍ରନାଥ ବେହେରା, ନାରାୟଣ ଦାସ, ଲକ୍ଷ୍ମୀଧର ଭୋଇ, ନିମାଇଁ ଚରଣ ବେହେରା, ଚିତ୍ତରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ରେଲିକ୍ସ ଅଫ୍ କଳିଙ୍ଗ ଇନ୍ ସାଉଥ୍ ଇଣ୍ଡିଆରେ ପ୍ରଥମ ଭାଗ ଉନ୍ମୋଚିତ

କଟକ,୨୯।୪(କାର୍ତ୍ତିକ ସାହୁ)

ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲଚରାଲ ହେରିଟେଜ (ଇଣ୍ଟାକ) ପକ୍ଷରୁ ରେଲିକ୍ସ ଅଫ କଳିଙ୍ଗ ଇନ ସାଉଥ ଇଣ୍ଡିଆର ପ୍ରଥମ ଭାଗ ଉନ୍ମୋଚିତ ହୋଇଯାଇଛି। ଦକ୍ଷିଣ ଭାରତରେ ଥିବା କଳିଙ୍ଗ ଇତିହାସ ସହ ସମ୍ପୃକ୍ତ ଐତିହାସିକ ତଥା ପ୍ରତ୍ନତାତ୍ତ୍ୱିକ କୀର୍ତ୍ତିରାଜି ସବୁକୁ ଚିହ୍ନଟ କରି ସେଗୁଡିକର ଠିକ ଦସ୍ତାବେଜିକରଣ ନିମନ୍ତେ ଇଣ୍ଟାକ ପକ୍ଷରୁ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା। ପୁସ୍ତକଟିକୁ ଇଣ୍ଟାକର ସଦସ୍ୟ ତଥା ଐତିହ୍ୟ ଗବେଷକ ଦୀପକ କୁମାର ନାୟକ ରଚନା କରିଛନ୍ତି। ଅବସରପ୍ରାପ୍ତ ଆଇଏଏସ ସଞ୍ଜୀବ ଚନ୍ଦ୍ର ହୋତା ଓ ପ୍ରଫେସର ଡ. ଅଶୋକ କୁମାର ରଥ ମିଳିତ ଭାବେ ପୁସ୍ତକର ସମ୍ପାଦନା କରିଛନ୍ତି। କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ଆଇପିଏସ ଅଫିସର ମେସ୍‌ଠାରେ ଅନୁଷ୍ଠିତ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦୀ ପୁସ୍ତକ ଉନ୍ମୋଚନ କରି ପ୍ରତ୍ନତାତ୍ତ୍ୱିକ ବିଭବସବୁର ଏକତ୍ର ଦସ୍ତାବେଜିକରଣର ଏକ ଆଦ୍ୟ ପ୍ରକ୍ରିୟା ବୋଲି କହିଛନ୍ତି। ଏହି ସଭାରେ ଇଣ୍ଟାକ ରାଜ୍ୟ ଆବାହକ ଅମିୟ ଭୂଷଣ ତ୍ରିପାଠୀ, ଇଣ୍ଟାକ କଟକ ଅଧ୍ୟାୟ ଆବାହକ ଇଂ. ଗୋପାଳ କୃଷ୍ଣ ବେହେରା, ପୁସ୍ତକର ଲେଖକ ନାୟକ, ସମ୍ପାଦକ ହୋତା ଓ ପ୍ରକାଶକ ବିଜୟ କୁମାର ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ।

## ଉଲୁଣ୍ଡା ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ନେଇ ଚର୍ଚ୍ଚା

ବୀରମହାରାଜପୁର,୨୯।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଝାରବାହାଲି–କ୍ଷମାଲୋଏ–ଜଉଁରାଭଉଁରା ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତିଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ତିନିଦିନ ତଳେ ସୀମାନ୍ତ ବୌଦ୍ଧରେ କୋମ୍ବିଂ ଅପରେଶନ ହୋଇଥିଲା। ଏଣୁ ଏହି ଅଞ୍ଚଳରୁ ମାଓବାଦୀମାନେ ମହାନଦୀ ପାର ହୋଇ ଉଲୁଣ୍ଡା ଜଙ୍ଗଲକୁ ଆସିଥିବା କୁହାଯାଉଛି। ୨୦୧୩ ଜୁଲାଇ ୧ରେ ଉଲୁଣ୍ଡା ଥାନାଠାରୁ ମାତ୍ର ୪କିଲୋମିଟର ଦୂର ଝାରବାହାଲି ଜଙ୍ଗଲରେ ଗୋଇନ୍ଦା ତଥ୍ୟ ଆଧାରରେ ପୋଲିସ କୋମ୍ବିଂ ଅପରେଶନ କରିଥିଲେ। ମାଓବାଦୀ–ପୋଲିସ ଗୁଳି ବିନିମୟ ହୋଇଥିଲା। ଏଥିରେ ଜଣେ ଯବାନ ଆହତ ହୋଇଥିବାବେଳେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ। ଦୀର୍ଘବର୍ଷ ପରେ ପୁଣି ଥରେ ଉଲୁଣ୍ଡା ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା ହେବା ପରେ ସାଧାରଣରେ ଭୀତି ସଞ୍ଚାର ହୋଇଛି। ଏ ନେଇ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ କେ.କେ. ହରିପ୍ରସାଦଙ୍କୁ ପଚାରିବାରୁ ଆମେ ଘଟଣା ଉପରେ ନଜର ରଖିଛୁ। ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଏ ବିଷୟରେ ରିପୋର୍ଟ ମଗାଯାଇଛି ବୋଲି ସେ କହିଛନ୍ତି।

## ରାୟପୁର ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ଫୁଲନଖରା,୨୯।୪
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ରାୟପୁର ଶିଶୁ ମନ୍ଦିରର ୧୭ ତମ ବାର୍ଷିକ ଉତ୍ସବ ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଦଧିଚି ଶିକ୍ଷା ଅନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ତଥା ଶିକ୍ଷାବିତ୍ ଡ. ମନୋଜ କୁମାର ଦାଶ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ଦାଶ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଣ୍ଡିତ ରବିନାରାୟଣ ପଣ୍ଡା ଓ ସମ୍ପାଦକ ମାନସ କୁମାର ପଣ୍ଡା ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାମୂଳକ କୃତୀ ଛାତ୍ରୀଛାତ୍ରମାନେ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ଶିକ୍ଷାନୁଷ୍ଠାନ ଉପସଭାପତି ପ୍ରଦୀପ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁମାଗୁରୁଜୀ ସହଯୋଗ କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
LADIES OFFICE EXECUTIVE
RAHIBA GHARA FREE
Attached Bathroom
KHAIBA FREE
Salary 10000 + Bonus 50000 to 100000 annual + other benefits
PHULANAKHARA, CUTTACK
7809525452

See Career Appointment on every Wednesday & Saturday

ଡ୍ରାଇଭର ଆବଶ୍ୟକ
ଦରମା: ୨୨,୦୦୦/-
ଫୋନ୍ ନଂ: 9861925500
(ଯୋଗାଯୋଗ ସମୟ 10am To 4pm)

ଆବଶ୍ୟକ
ନିଃଶୁଳ୍କ ଲଜ୍‌ରେ ରହିବା,
ଭଲ ଖାଦ୍ୟ, ଆକର୍ଷଣୀୟ ଦରମା ସହ
ସିକ୍ୟୁରିଟି ଗାର୍ଡଙ୍କ ନିଯୁକ୍ତି ଆରମ୍ଭ,
ନାଗପୁରର ବିଭିନ୍ନ ଅଞ୍ଚଳ ପାଇଁ, 10ମ ପାସ୍
5'.8" ଉଚ୍ଚତାଧାରୀ ଗାର୍ଡ ତୁରନ୍ତ ଆବଶ୍ୟକ
ୟୁଥ୍ ଫୋର୍ସ ସିକ୍ୟୁରିଟି ସର୍ଭିସେସ୍
ନ୍ୟାଶନାଲ ଫାୟାର୍ କଲେଜ୍ ସାମ୍ନା, ରାଜନଗର, ନାଗପୁର
ମୋ. 9422313968, 8669698959



## ସଂକ୍ଷେପରେ

### ମୁକୁଳା ଟ୍ରାନ୍ସଫର୍ମର: ୧ ବଳଦ, ୨ ଗାଇଙ୍କ ମୃତ୍ୟୁ



**କୋମନା,୨୯।୪(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ ଖଡ଼ିଆଳ ରାସ୍ତାର କୋମନା ମଦଭାଟି ଅନତି ଦୂରରେ ଥିବା ମୁକୁଳା ଟ୍ରାନ୍ସଫର୍ମର ଯୋଗୁ ଏହା ସଂସ୍ପର୍ଶରେ ଆସି ଦୁଇଦିନରେ ଗୋଟିଏ ବଳଦ ଓ ୨ ଗାଇଙ୍କ ମୃତ୍ୟୁ ଘଟିଛି। ଗତ ସୋମବାର ଅପରାହ୍ନରେ ବିରୁନପଦର ଗାଁର ଚାଷୀ ରାମ ପଟେଲଙ୍କ ଏକ ବଳଦ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛି। ମଙ୍ଗଳବାର ପୂର୍ବାହ୍ନରେ କୋମନାର ଦେବେନ୍ଦ୍ର ପ୍ରଧାନଙ୍କ ଏକ ହରିଆନା ଗାଇ ଉକ୍ତ ଟ୍ରାନ୍ସଫର୍ମରର ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛି। ସେହିପରି କୋମନାର ଅସରାଫ ଅଲ୍ଲୀଙ୍କ ଏକ ଦୁଧିଆଳୀ ଗାଇ ମଧ୍ୟ ପ୍ରାଣ ହରାଇଛି। ୩୫୩ ଜାତୀୟ ରାଜପଥ କଡରେ ଟ୍ରାନ୍ସଫର୍ମର ମୁକୁଳା ଯୋଗୁ ଏଭଳି ଘଟଣା ଘଟୁଛି। ବିଭାଗୀୟ ଅଧିକାରୀ ତୁରନ୍ତ ଏହା ଚାରିପାଖେ ସୁରକ୍ଷା ବାଡ଼ କରିବାକୁ ଦାବି ହେଉଛି। ଅନ୍ୟପକ୍ଷେ ଗାଇ ଓ ବଳଦ ହରାଇଥିବା ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନକୁ ମାଲିକମାନେ ନିବେଦନ କରିଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ

**ପାଟଣାଗଡ,୨୯।୪(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅଧୀନ ଯୋଗିମୁଣ୍ଡା ଗ୍ରାମ ନିକଟରେ ସୋମବାର ରାତିରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଉକ୍ତ ଥାନା ରାମପୁରର ହରିଶଚନ୍ଦ୍ର ମେହେର (୩୨)। ପ୍ରକାଶ ଯେ, ହରିଶଚନ୍ଦ୍ର କୌଣସି କାମ ପାଇଁ ବାଇକ୍‌ରେ ଯାଇଥିଲେ । ସେ ଘରକୁ ଫେରୁଥିବା ବେଳେ ବାଇକ୍‌ଟି କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ସେ ତଳେ ପଡିଯାଇ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ନଂ ୧୨୩ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ।

### ମାଲ ବୋଝେଇ ଟ୍ରକ ଯାଞ୍ଚ




**ଲାଠୋର,୨୯।୪(ଭୁବନେଶ୍ୱର ବାରିକ):** ମଙ୍ଗଳବାର ବଲାଙ୍ଗୀର ଜିଲା ଲାଠୋର ଅଞ୍ଚଳ ଦେଇ ଯାଉଥିବା ଏକ ମାଲ ବୋଝେଇ ଟ୍ରକ ଯାଞ୍ଚ କରାଯାଇଛି । ପ୍ରକାଶ ଯେ,ସକାଳେ ରାୟପୁରରୁ ଏକ ମାଲ ବୋଝେଇ ଟ୍ରକ (ନଂ ସିଜି-୦୪-ଡିଡି-୯୪୭୭) ବିଭିନ୍ନ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ନେଇ କଣ୍ଟାବାଞ୍ଜି ଅଭିମୁଖେ ଯାଉଥିଲା । ଉକ୍ତ ଟ୍ରକକୁ ବଲାଙ୍ଗୀର ଜିଏସଟି ଡେପୁଟି କମିଶନର ସନ୍ଦେହରେ ଲାଠୋର କଲେଜ ଛକ ନିକଟରେ ଅଟକାଇ ଥିଲେ । ପରେ ଟ୍ରକକୁ ଥାନା ଜିମା ଦେଇଥିଲେ । ସନ୍ଧ୍ୟାରେ ଯାଞ୍ଚ ଆରମ୍ଭ ହୋଇଥିଲା। ଖବର ଲେଖା ହେବା ବେଳକୁ ଯାଞ୍ଚ ସମ୍ପୂର୍ଣ୍ଣ ହୋଇ ନଥିଲା । ଏନେଇ ଡେପୁଟି କମିଶନର କିଶୋର ଚନ୍ଦ୍ର ମେହେରଙ୍କୁ ପଚାରିବା ରେ ବର୍ତ୍ତମାନ ଯାଞ୍ଚ ଚାଲିଛି। ଯାଞ୍ଚ ସରିଲେ ସବୁ ଜଣା ପଡ଼ିବ। ଯଦି ବିଲ୍ ଅନୁଯାୟୀ ସାମଗ୍ରୀଠାରୁ ଅଧିକ ବାହାରେ ତାହେଲେ ସରକାରୀ ନିୟମ ଅନୁସାରେ ପେନାଲିଟି ଦେବାକୁ ପଡ଼ିବ ବୋଲି ସେ କହିଥିଲେ । ଅପରପକ୍ଷରେ ଉକ୍ତ ଟ୍ରକ ଭିତରେ କୁଆଡେ ଖଇର କାଠ ଯାଉଥିବା ଚର୍ଚ୍ଚା ହେଉଛି ।

# ବର୍ଷକରେ ଅଢ଼େଇ କୋଟି ଲିଟର ଦେଶୀମଦ ପିଉଛନ୍ତି

**କଳାହାଣ୍ଡି ଜିଲା**

- ଗତବର୍ଷ ଅପେକ୍ଷା ଲକ୍ଷେ ଲିଟର ଅଧିକ
- ରାଜସ୍ୱ ଟାର୍ଗେଟ ଥିଲା ୭୪, ଦେଲେ ୮୯ କୋଟି

**ଭବାନୀପାଟଣା,୨୯।୪(ଉତ୍ତମ କୁମାର ଦାଶ)**




ଜିଲା ଅବକାରୀ କାର୍ଯ୍ୟାଳୟ।

କଳାହାଣ୍ଡି ଜିଲାରେ ଦିନକୁ ଦିନ ବେଆଇନ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଜିଲାର ସହର ସମେତ ଅଧିକାଂଶ ଗାଁରେ ଏବେ ମଦକୋଠି ଛତୁ ଫୁଟିଲା ଭଳି ଖୋଲିଛି। ଅନେକ ନିରୀହ ଗରିବ ଲୋକ ମଦ ନିଶାରେ ପଡ଼ି ଦିଗହରା ହେବା ସହ ସର୍ବସ୍ୱାନ୍ତ ହେଉଛନ୍ତି। ଅବକାରୀ ବିଭାଗ ବିଭିନ୍ନ ସମୟରେ ଚଢ଼ାଉ କରିବା ପରେ ମଧ୍ୟ ବେଆଇନ ମଦ କାରବାର କମିବା ବଦଳରେ ବଢ଼ିବାରେ ଲାଗିଛି। ଏଥିଯୋଗୁ ଅପରାଧ ବଢ଼ିବା ସହ ପରିବେଶ ଖରାପ ହେବାରେ ଲାଗିଛି, ଯାହା ଚିନ୍ତାର ବିଷୟ ହୋଇଛି। ଅବକାରୀ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲାରେ ଏବେ ୬୭ଟି ଦେଶୀ ମଦଭାଟି ରହିଥିବାବେଳେ ୧୦ଟି ଶାଖା ରହିଛି। ଏହିସବୁ ମଦଭାଟି ଓ ଶାଖାଗୁଡିକରେ ୨୦୨୩-୨୪ ଆର୍ଥିକ ବର୍ଷରେ ୨କୋଟି ୪୯ ଲକ୍ଷ ୪୦୪୦ଲିଟର ଦେଶୀ ମଦ ବିକ୍ରି ହୋଇଛି। ସେହିପରି ୨୦୨୪-୨୫ ବର୍ଷରେ ଅଢ଼େଇ କୋଟି ୪୧ହଜାର ଶହେ ଲିଟର ମଦ ବିକ୍ରି ହୋଇଥିବା ସୂଚନା ମିଳିଛି। ଏହି ପରିସଂଖ୍ୟାନ ଦେଖିଲେ ଗତବର୍ଷ ଅପେକ୍ଷା ୧ଲକ୍ଷ ୩୭ହଜାର ୬୦ ଲିଟର ମଦ ଅଧିକ ବିକ୍ରି ହୋଇଛି। ସରକାରୀ ହିସାବରେ ଏହା ଅଢ଼େଇ କୋଟି ଲିଟର ହୋଇଥିବାବେଳେ ବେସରକାରୀ ହିସାବରେ ଏହା ୪ଗୁଣରୁ ଅଧିକ ହେବ ବୋଲି କୁହାଯାଉଛି। ।ରେ ଚଳିତ ବର୍ଷ ରାଜସ୍ୱ ଟାର୍ଗେଟ ୭୪କୋଟି ୭୮ଲକ୍ଷ ଥିବାବେଳେ ୮୯ କୋଟି ୯୦ଲକ୍ଷ ଟଙ୍କା ସଂଗ୍ରହ ହୋଇଛି, ଯାହା ୧୫କୋଟିରୁ ଅଧିକ। ସେହିପରି ଜିଲାରେ ୨୦୨୪-୨୫ ଆର୍ଥିକ ବର୍ଷରେ ବିଦେଶୀ ମଦ ୧୩ଲକ୍ଷ ୭୭ହଜାର ୫୦୩ ଏଲ୍‌ପିଏଲ୍ ବିକ୍ରି ହୋଇଥିବାବେଳେ ବିଅର ୬୬ଲକ୍ଷ ୪ହଜାର ୮୬୩ ବିଏଲ୍ ବିକ୍ରି ହୋଇଥିବା ଜଣାପଡ଼ିଛି। ତେବେ ୨୦୨୩-୨୪ ଆର୍ଥିକ ବର୍ଷରେ ବିଦେଶୀ ମଦ ୧୨ଲକ୍ଷ ୬୬ହଜାର ୫୮୯ ଏଲ୍‌ପିଏଲ୍ ରହିଥିବାବେଳେ ବିଅର ୫୮ଲକ୍ଷ ୨୮ହଜାର ୪୧୮ ବିଏଲ୍ ରହିଥିଲା। ଏହିସବୁ ତଥ୍ୟକୁ ଦେଖିଲେ କଳାହାଣ୍ଡି ଜିଲାରେ ଉଭୟ ଦେଶୀ ଓ ବିଦେଶୀ ମଦ କାରବାର ଗତବର୍ଷ ଅପେକ୍ଷା ବୃଦ୍ଧି ପାଇଛି। ଏ ନେଇ ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକଙ୍କୁ ପଚାରିବାରୁ ବେଆଇନ ମଦ କାରବାର ରୋକିବାକୁ ପ୍ରାୟ ସମୟରେ ଚଢ଼ାଉ କରାଯାଉଛି ବୋଲି କହିଥିଲେ।

## ସବ୍‌ଜେଲ ପରିସରରେ ଆଇନ ସଚେତନତା ଶିବିର




ଶିବିରରେ ମଞ୍ଚାସୀନ ଅତିଥିମାନେ।

**ଧର୍ମଗଡ଼, ୨୯।୪ (ଘାସିରାମ ଜଗତ)**

ତାଲୁକ ଆଇନସେବା ସମିତି ଧର୍ମଗଡ଼ ପକ୍ଷରୁ ସ୍ଥାନୀୟ ଉପଖଣ୍ଡ କାରାଗାର ପରିସରରେ ମଙ୍ଗଳବାର ଅତିରିକ୍ତ ଜିଲା ଜଜ୍ ତଥା ତାଲୁକ ଆଇନସେବା ସମିତି ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଦେୱାନୀ ବିଚାରପତି ଇପ୍ସି ମହାନ୍ତି, ସରକାରୀ ଓକିଲ ଧୀରେନ୍ଦ୍ର ନାଥ ପାତ୍ର ଓ ରାଜେନ୍ଦ୍ର ମୁନି, ପାନେଲ ଓକିଲ ହରିଶ ଚନ୍ଦ୍ର ବାଗ, ସହକାରୀ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଶିଶିର ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ତାଲୁକ ଆଇନସେବା ସମିତି ଅଧ୍ୟକ୍ଷ ପ୍ରଧାନ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅଧିନିୟମ ୨୦୨୩ ଉପରେ ବକ୍ତବ୍ୟ ରଖିଥିଲେ। ଏହା ଅନ୍ତର୍ଭୁକ୍ତ ବିଭିନ୍ନ ବିଷୟ ଯଥା ଏଫ୍‌ଆଇଆର୍, ବେଲ, ୱାରେଣ୍ଟ ଇତ୍ୟାଦି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସରକାରୀ ଓକିଲ ରାଜେନ୍ଦ୍ର ମୁନି ପରିଚାଳନା କରିଥିବା ବେଳେ ବରିଷ୍ଠ ଓକିଲ ହରିଶ୍ଚନ୍ଦ୍ର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ସମୟସୀମା ମଧ୍ୟରେ ଉନ୍ନୟନ କାର୍ଯ୍ୟ ସାରିବା ଉପରେ ଗୁରୁତ୍ୱ



ବୈଠକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଉଛି।

**ନୂଆପଡ଼ା,୨୯।୪ (ମକାରୁ ବେମାଲ)**

ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସୋମବାର ସନ୍ଧ୍ୟାରେ ଜିଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ଏଥିରେ ଅଧ୍ୟକ୍ଷତା କରି ସମୟସୀମା ମଧ୍ୟରେ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସାରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ବିଗତ ସଭାର ବିବରଣୀ ପାଠ କରିଥିଲେ। ଏହା ପରେ ଏମ୍‌ପି ଗୋଟି ଗୋଟି କରି ସମସ୍ତ ବିଭାଗର ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କରିଥିଲେ। ବୈଠକରେ ଘରଡିହ, ବାସଗୃହ, ବିଦ୍ୟୁତ୍ ସମାସ୍ୟା, ପାନୀୟ ଜଳ, ରାସ୍ତାଘାଟ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କ ପାଉଣା, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ମିଶନ, କୃଷି, ଶିଳ୍ପ, ଖାଦ୍ୟ ଯୋଗାଣ ଇତ୍ୟାଦି ଉପରେ ବିଶଦ ଆଲୋଚନା କରାଯାଇଥିଲା। ଏସବୁ କ୍ଷେତ୍ରରେ ଯାହାକିଛି ସମସ୍ୟା ରହିଛି ତା'ର ଶୀଘ୍ର ସମାଧାନ କରିବା ପାଇଁ ଏମ୍‌ପି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ସୁନାବେଡା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ମହାଦେବ ବୁଡାଇକ, ଜିଲା ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଯୋଗେଶ୍ୱର ଭୋଇ, ସମସ୍ତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ, ଏନ୍‌ଏସି ନିର୍ବାହୀ ଅଧିକାରୀ, ବିଡିଓ, ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲା ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଦ୍ୟୁତ୍ ତାର ଲାଗି ଗାଈ ମୃତ

**ନୂଆପଡ଼ା,୨୯।୪ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଝୁଟବନ ଭେରା ପଞ୍ଚାୟତ କରଚୁଲ ଗାଁରେ ସୋମବାର କାଳବୈଶାଖୀରେ ବିଦ୍ୟୁତ୍ ତାର ପଡି ଏକ ଗାଈର ମୃତ୍ୟୁ ଘଟିଛି । ଗାଁର ବିଷ୍ଣୁ ଶବରଙ୍କ ଗାଈ ଖୋଲା ଛାତତଳେ ବନ୍ଧାଯାଇଥିବାବେଳେ ହଠାତ୍ କାଳବୈଶାଖୀ ପ୍ରଭାବରେ ଗାଁ ଭିତରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ଗାଈ ଉପରେ ପଡିଥିଲା। ଫଳରେ ଗାଈର ମୃତ୍ୟୁ ଘଟିଥିଲା। ପାଖରେ ଥିବା ଅନ୍ୟ ଗାଈ ଓ ପରିବାର ଲୋକେ ଲଥିରୁ ବର୍ତ୍ତି ଯାଇଥିଲେ। ବାରମ୍ବାର ଫୋନ କରିବା ପରେ ବିଭାଗୀୟ କର୍ମଚାରୀ ପହଞ୍ଚି ବିଦ୍ୟୁତ୍ ସରବରାହ ବନ୍ଦ କରିଥିଲେ। ବିଦ୍ୟୁତ ବିଭାଗର ଖାମଖିଆଲ ନୀତି ଯୋଗୁ ଦୁଧିଆଳି ଗାଈର ମୃତ୍ୟୁ ଘଟିଛି। ୭ଦିନ ଭିତରେ କ୍ଷତିପୂରଣ ନ ଦେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ଖଡ଼ିଆଳ,୨୯।୪ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ବ୍ଲକ୍ ଗୋଇମୁଣ୍ଡି -ଚଳାନପଡା ସରସ୍ୱତୀ ଶିଶୁ ମନ୍ଦିରର ଅଷ୍ଟାବିଂଶତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠାନର ସଭାପତି ପ୍ରହ୍ଲାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଉପାଧ୍ୟକ୍ଷ ଗୌତମ ତାଣ୍ଡି ମୁଖ୍ୟଅତିଥି, ଶିକ୍ଷା ବିକାଶ ସମିତି ଦକ୍ଷିଣ ପଶ୍ଚିମ ସମ୍ଭାଗର ସମ୍ପାଦକ ତଥା ପଲ୍ଲୀପ୍ରଗତି ମହାବିଦ୍ୟାଳୟର ଅଧ୍ୟକ୍ଷ ରୁଦ୍ରମାଧବ ବାରିକ ମୁଖ୍ୟବକ୍ତା ଓ ଅନୁଷ୍ଠାନ ପାଇଁ ଜମି ଦାନ କରିଥିବା ସ୍ୱର୍ଗତ ବସନ୍ତ ସିଂ ଚଳାନଙ୍କ ଧର୍ମପତ୍ନୀ ପ୍ରମୋଦିନୀ ଚଳାନ, ଅନୁଷ୍ଠାନର ସମ୍ପାଦକ ମହେନ୍ଦ୍ର କୁମାର ବାରିକ ସମ୍ମାନିତ ଅତିଥି ଥିଲେ। ପ୍ରଧାନ ଆଚାର୍ଯ୍ୟ କ୍ଷୀରୋଦ କୁମାର ରଣା ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ସମ୍ପାଦକ ବାରିକ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜିଲାସ୍ତରୀୟ ସନ୍ତରଣ ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା




କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

**ବଲାଙ୍ଗୀର,୨୯।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଆରଏନ୍ ସିଂଦେଓ ସ୍ପୋର୍ଟସ କମ୍ପ୍ଲେକ୍ସସ୍ଥିତ ସନ୍ତରଣାଗାରଠାରେ ସୋମବାର ଜିଲା ସନ୍ତରଣ ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ୧୦, ୧୨, ୧୪ ଓ ୧୭ ବର୍ଷରୁ କମ୍ ବୟସର ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ମୋଟ ୨୮ଟି ଇଭେଣ୍ଟରେ ଜିଲାର ୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ହୋମଗାର୍ଡ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଶରତ କୁମାର ସୁନା, ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ସତ୍ୟ ପ୍ରକାଶ ମିଞ୍ଜ, ଜିଲା ଶାରୀରିକ କ୍ରୀଡା ଅଧିକାରୀ ପ୍ରଦୀପ କୁମାର ପାତ୍ର, ଜେଆଇଟିଏମ ଡାଇରେକ୍ଟର ପ୍ରଦୀପ କୁମାର ଷଡଙ୍ଗୀ ଉପସ୍ଥିତ ଥିଲେ। ଜିଲାସ୍ତରୀୟ ସନ୍ତରଣ ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ଆୟୋଜନ ଦ୍ୱାରା ଖେଳାଳିମାନଙ୍କ ଟାଇମିଂରେ ସୁଧାର ଆସିବା ସହ ଆଗାମୀ ଦିନରେ ହେବାକୁ ଥିବା ସନ୍ତରଣ ପ୍ରତିଯୋଗିତାରେ ଭଲ ଖେଳ ପ୍ରଦର୍ଶନ କରିପାରିବେ ବୋଲି ଜିଲା ସନ୍ତରଣ ସଂଘ ସମ୍ପାଦକ ଏବଂ ରାଜ୍ୟ ସନ୍ତରଣ ସଂଘ ଉପସଭାପତି ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଥିଲେ। ଏହି ପ୍ରତିଯୋଗିତା ଆୟୋଜନରେ ବୁଧିରାଜ ବିଶ୍ୱାଳ, ଖିତେଶ୍ୱର ବିଶ୍ୱାଳ, ବୀରେନ୍ଦ୍ର ସୁନା, ପୁରେନ୍ଦ୍ରର ସେଠ, ସୁଦର୍ଶନ ସେଠ, ସସ୍ମିତା ଗଡତିଆ, ସ୍ୱପ୍ନା ସେଠୀ, ସଙ୍ଗୀତ ନାଏକ, ସୁଷମା ପଧାନ, ସଙ୍କେତ ଯୋଶୀ, ଜିତେନ୍ଦ୍ର ନାଏକ, ଅରୁଣ ସାହୁ, ପୟୋସ୍ୱିନୀ ପୁରୋହିତ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, କୈଳାଶ ମାଝି ଓ ଅନ୍ୟମାନେ ସହଯୋଗ କରିଥିଲେ। ଅତିଥିମାନେ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ନାନ୍ଦୁପଲା-ବୁରୋମାଲ ରାସ୍ତା ମରଣଯନ୍ତା

**ଖପ୍ରାଖୋଲ,୨୯।୪(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକର ନାନ୍ଦୁପଲାଠାରୁ ବୁରୋମାଲ ପର୍ଯ୍ୟନ୍ତ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ୧୫ କିମି ରାସ୍ତା ମରଣଯନ୍ତା ପାଲିଟିଛି । ଦୀର୍ଘଦିନ ହେଲା ମରାମତି ଅଭାବରୁ ରାସ୍ତାର ମଝିରେ ମଝିରେ ପିଚୁ ଉଠିଯାଇ ଖାଲଖମା ହୋଇଛି। ଫଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଏହି ରାସ୍ତା ହରିଶଙ୍କର ପୀଠଠାରୁ ବରଗଡ଼ ଜିଲା ପଦ୍ମପୁର ସହରକୁ ସଂଯୋଗ କରୁଛି। ଏହି ରାସ୍ତା ଦେଇ ଗଲେ ନରସିଂହନାଥ ମନ୍ଦିରକୁ ଦୂରତା କମ୍ ହେଉଥିବାରୁ ପ୍ରତିଦିନ ବହୁ ସଂଖ୍ୟାରେ ଗାଡି ଚଳାଚଳ କରିଥାଏ । କାରଣ ମନ୍ଦିର ଦର୍ଶନ ପାଇଁ ଯାଉଥିବା ପର୍ଯ୍ୟଟକ ମୁଖ୍ୟତଃ ଏହି ରାସ୍ତାରେ ଯାଇଥାନ୍ତି । ଆଗକୁ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ହେବାକୁ ଥିବା ବେଳେ ଉକ୍ତ ରାସ୍ତା ଯଥାଶୀଘ୍ର ମରାମତି କରିବା ଲାଗି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବହୁଭାଷୀ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ

**ଖଡ଼ିଆଳ,୨୯।୪(ସୁଜିତ କୁମାର ପ୍ରଧାନ)**




ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ କଳାକାରମାନେ।

ନୂଆପଡ଼ା ଜିଲା ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ଉପଲକ୍ଷେ ମଙ୍ଗଳବାର ଆୟୋଜିତ ବୀର ବିକ୍ରମ ବହୁଭାଷୀ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଖଡ଼ିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନର ପ୍ରଥମ ସଭାପତି ସତୀଶ କୁମାର ପଟ୍ଟନାୟକ ସଭାପତି ଆସନ ଅଳଙ୍କୃତ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ପ୍ରଥମ ସମ୍ପାଦକ ଅମ୍ବାତୁଲୁ ଗୌଡ଼ ମଞ୍ଚାସୀନ ଥିଲେ। ଗୌରାଙ୍ଗ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଭୂତି ଭୂଷଣ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ରଜନୀରେ ସରକାରୀ ବାଳିକା ଉପ୍ରା ବିଦ୍ୟାଳୟ ପ୍ରାୟୋଜିତ ହିନ୍ଦୀ ନାଟକ ସୋସିଆଲ ମିଡିଆ କା କୁପ୍ରଭାବ ପ୍ରଦର୍ଶିତ ହୋଇଥିଲା। ଦ୍ୱିତୀୟରେ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲ ପ୍ରାୟୋଜିତ କୋସଲି ନାଟକ କଳିଯୁଗ ମଞ୍ଚସ୍ଥ ହୋଇଥିଲା। ଶେଷରେ କୋମନା ନାଟ୍ୟ ସାଂସଦ ପ୍ରାୟୋଜିତ କୋସଲି ନାଟକ ଆମରଲାଗି କେନ ଅଛେ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବରେ ନାଟ୍ୟକାର ନିର୍ଦ୍ଦେଶକ ପବିତ୍ର ମୋହନ ପ୍ରଧାନ ଓ ଅନୁଷ୍ଠାନର ଉପସଭାପତି ସୁକେଶ କୁମାର ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଥିଲେ।

# ଜଗତର କଲ୍ୟାଣ ବ୍ରାହ୍ମଣଙ୍କ ଲକ୍ଷ୍ୟ

**ଭବାନୀପାଟଣା, ୨୯।୪ (ଉତ୍ତମ କୁମାର ଦାଶ)**




ପର୍ଶୁରାମ ସମ୍ମାନରେ ସମ୍ମାନିତ କରାଯାଉଛି।

ସନାତନ ସଂସ୍କୃତିର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଜଗତର କଲ୍ୟାଣ ବ୍ରାହ୍ମଣର ଏକମାତ୍ର ଲକ୍ଷ୍ୟ। ଦେଶ ସ୍ୱାଧୀନତା ସଂଗ୍ରାମରେ ବ୍ରାହ୍ମଣଙ୍କ ତ୍ୟାଗର ଅନେକ ଦୃଷ୍ଟାନ୍ତ ରହିଛି। ଭଗବାନ ପର୍ଶୁରାମ ତ୍ୟାଗ ଓ ନ୍ୟାୟର ପ୍ରତୀକ। ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ବ୍ରାହ୍ମଣ ଜଗତର କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନେବାକୁ ପର୍ଶୁରାମ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ଆହ୍ୱାନ ଦେଇଥିଲେ। ମଙ୍ଗଳବାର ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଭବାନୀପାଟଣାସ୍ଥିତ ବାଲାଜୀ ମନ୍ଦିର ପରିସରରେ ପର୍ଶୁରାମ ଜୟନ୍ତୀ ଆୟୋଜିତ ହୋଇଥିଲା। ସକାଳେ ପର୍ଶୁରାମ ସେନା ନେତୃତ୍ୱରେ ଏକ ମୋଟର ସାଇକେଲ ଶୋଭାଯାତ୍ରା ବାଲାଜୀ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ଭବାନୀପାଟଣା ନଗର କମିଟି ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀଙ୍କ ପୌରୋହିତ୍ୟରେ ଆୟଜିତ ସଭାରେ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଓ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଅତିଥି ଭାବରେ ଯୋଗଦେଇଥିବା ବେଳେ ଶିକ୍ଷାବିତ୍ ତଥା ନାଟ୍ୟକାର ଡ଼ ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ବ୍ରାହ୍ମଣ ସମାଜ ଜିଲା ସାଧାରଣ ସମ୍ପାଦକ ଭବେନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପର୍ଶୁରାମ ସେନା ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ଏହି ଅବସରରେ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଓ ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀଙ୍କୁ 'ପର୍ଶୁରାମ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ବ୍ରାହ୍ମଣ ସମାଜର ଜିଲା ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରାହ୍ମଣ ସମାଜ ପକ୍ଷରୁ ପର୍ଶୁରାମ ଜୟନ୍ତୀ

**କୋକସରା,୨୯।୪ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ବ୍ରାହ୍ମଣସମାଜ ପକ୍ଷରୁ ମଙ୍ଗଳବାର ଲଡୁଗାଁ ଜଗନ୍ନାଥ ମନ୍ଦିର ପରିସରରେ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ମାଝୀପଡା ଶିବ ମନ୍ଦିର ନିକଟରୁ ବ୍ରାହ୍ମଣ ସମାଜ, ପ୍ରଜ୍ଞା ବାହିନୀ ଓ ପର୍ଶୁରାମ ସେନାର କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ବାହାରି ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହାପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଷୀ ମୁଖ୍ୟ ଅତିଥି, ଜବାହରଲାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ମୁଖ୍ୟବକ୍ତା, କୋକସରା ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ରାଧେଶ୍ୟାମ ଅଗ୍ରୱାଲ, ବ୍ଲକ ବ୍ରାହ୍ମଣ ସମାଜ ସଭାପତି ତ୍ରିନାଥ ଠାକୁର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବରୁ ପୂଜାକାର୍ଯ୍ୟ, ସାମୂହିକ ଆଳତି, ପହଲଗାମ ଘଟଣାରେ ମୃତ ପର୍ଯ୍ୟଟକ ଓ ବ୍ରାହ୍ମଣ ସମାଜର ମୃତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକସଭା କରାଯାଇଥିଲା। ଈଶ୍ୱରୀ ପ୍ରସାଦ ଅଗସ୍ତି ଓ ଗୋଦାବରୀଶ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବ୍ଲକ ସମ୍ପାଦକ ସଞ୍ଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ।




ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

### ଜଳବାୟୁ ସୁରକ୍ଷା ପରିଷଦର ପୃଥିବୀ ବଞ୍ଚାଅ ସଂକଳ୍ପ ସମାବେଶ

**ଭବାନୀପାଟଣା,୨୯।୪(ଉତ୍ତମ କୁମାର ଦାଶ)**

ବାୟୁ ପ୍ରଦୂଷଣ, ଜଙ୍ଗଲ କ୍ଷୟ, ଅତ୍ୟଧିକ କଳକାରଖାନା ପ୍ରତିଷ୍ଠା, ଯାନବାହନ ଚଳାଚଳ ଆଦି କାରଣରୁ ଉଷ୍ମତା ବୃଦ୍ଧି ପାଇ ପୃଥିବୀର ଅସ୍ତିତ୍ୱକୁ ସଙ୍କଟରେ ପକାଇଛି। ଏଥିପ୍ରତି ମାନବ ଜାତି ସଚେତନ ହେବା ସମୟ ଆସିଛି। ଏପରିସ୍ଥଳେ ଜଳବାୟୁ ସୁରକ୍ଷା ପରିଷଦ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ପୃଥିବୀ ବଞ୍ଚାଅ ଅଭିଯାନ ଆରମ୍ଭ କରିଛି। ଏହି କ୍ରମରେ ରବିବାର କଳାହାଣ୍ଡି ଜିଲା ଭବାନୀପାଟଣାରେ ପରମେଶ୍ୱର କୁମାରଙ୍କ ଅଧ୍ୟକ୍ଷତାରେ ପୃଥିବୀ ବଞ୍ଚାଅ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଷଦର ଯୋଗେଶ ବାବୁ, ଜ୍ଞାନରଞ୍ଜନ ସ୍ୱାଇଁ, ଲକ୍ଷ୍ମୀନାରାୟଣ ସାହୁ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବିରଞ୍ଚି ମେହେର, ଲୋଚନ ଧରୁଆ ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କରି ଜଙ୍ଗଲ ସୁରକ୍ଷା ଓ ପରିବେଶ ଅନୁକୂଳ କାର୍ଯ୍ୟ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ।

## ସଂକ୍ଷେପରେ

### ଆମ ସଂସ୍କୃତି ଆମ ଖେଳଣା ଓ ବାର୍ଷିକୋତ୍ସବ

**ପାଇକମାଳ,୨୯।୪(ବଡ଼ ଶତପଥୀ):** ପାଇକମାଳ ବ୍ଲକ ଚେରେଙ୍ଗାଝାଞ୍ଜ କ୍ଲଷ୍ଟର ଅନ୍ତର୍ଗତ ନୂଆଁ ପତରାପାଳି ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳଣା ଓ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଇକମାଳ ଏବିଇଓ ବିଆର୍‌ସିସି ଧଲେନ୍ଦ୍ର କୁମାର ବାରିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ସିଆର୍‌ସିସି ଉଗ୍ରସେନ ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି ଜଳନ୍ଧର ମଲ୍ଲିକ, ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ସୁନା, ସହଦେବ ମାଝୀ, ଦୁବରାଜ ବେସରା, ମାଧବ ପୁରୋହିତ ଓ ହରେକୃଷ୍ଣ ଡନସନା ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ଅତିଥି ରୂପେ ସିଆର୍‌ସିସି କେଦାରନାଥ ରାଉତ ଓ ସିଆର୍‌ସିସି ବିଜୟ କୁମାର ସ୍ୱାଇଁ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍କୁଲ ପରିଚାଳନା କମିଟି ସଦସ୍ୟ ତଥା ଗ୍ରାମବାସୀ ସହଯୋଗ କରିଥିବା ବେଳେ ଦିପକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରାକ୍ତନ ବିଡିଓ ଧ୍ରୁବରାଜ ବାରିକଙ୍କ ପରଲୋକ

**ସୋନପୁର,୨୯।୪(ମୃତ୍ୟୁଞ୍ଜୟ ଶତପଥୀ):** ଅବସରପ୍ରାପ୍ତ ବିଡିଓ ତଥା ସୁବର୍ଣ୍ଣପୁର ସହର ଟିଙ୍କିରିପଡାର ଧ୍ରୁବରାଜ ବାରିକ୍‌ଙ୍କର ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ମଙ୍ଗଳବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା। ସେ ସୁବର୍ଣ୍ଣପୁର ଜିଲା



ବରିଷ୍ଠ ନାଗରିକ ସଂଘର କୋଷାଧ୍ୟକ୍ଷ ଥିଲେ। ବଲାଙ୍ଗୀର ଜିଲାରୁ ପ୍ରଶାସକ ଭାବେ ଅବସର ଗ୍ରହଣ କରିବା ପରେ ସୁବର୍ଣ୍ଣପୁରର ଇଷ୍ଟଦେବତା ସୁବର୍ଣ୍ଣମେରୁ ମହାପ୍ରଭୁଙ୍କ ସେବାରେ ବ୍ରତୀ ହେବା ସହ ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡିତ ଥିଲେ। ମୃତଦେହ ଟିଙ୍କିରିପଡାସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କର ଏକମାତ୍ର ପୁଅ ଆଇନଜୀବୀ ଅଜିତ କୁମାର ବାରିକ, ସ୍ତ୍ରୀ, ତିନି ଝିଅ ଓ ନାତୁଣୀ ନାତି ଉପସ୍ଥିତ ଥିଲେ। ରାମେଶ୍ୱର ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଅଜିତ ମୁଖାଗ୍ନି ଦେଇଥିଲେ।

### ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ

**ପାଇକମାଳ,୨୯।୪(ବଡ଼ ଶତପଥୀ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସୋମବାର ଅଧ୍ୟକ୍ଷ ଗଙ୍ଗାଧର ରଣାଙ୍କ ସଭାପତିତ୍ୱରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ମାଣ୍ଡୋସିଲର ବିଶିଷ୍ଟ ସାମାଜିକ କର୍ମୀ ମହେନ୍ଦ୍ର କୁମାର ଖୁଣ୍ଟିଆ, ମୁଖ୍ୟ ବକ୍ତା ଭାବେ ମାଣ୍ଡୋସିଲ ଡିଗ୍ରୀ କଲେଜ ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଓ ସମ୍ମାନିତ ଅତିଥି ଭାବରେ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପାଠଚକ୍ର ସଭାପତି ଗୋକୁଳାନନ୍ଦ ଡନସନା, ସାମ୍ବାଦିକ କୁଞ୍ଜବିହାରୀ ସାହୁ, ଓଷ୍ଟା ସମ୍ପାଦକ ତପନ କୁମାର ବହିଦାର, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଆବାହକ ଦୁର୍ଯ୍ୟୋଧନ ପୁଟା ମଞ୍ଚାସୀନ ଅତିଥି ଭାବରେ ଯୋଗ ଦେଇ ମଧୁସୂଦନ ଦାଶଙ୍କ ସ୍ମୃତି ଚାରଣ କରିଥିଲେ । ଗଙ୍ଗାଧର ରଣା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ଭିଏସନନ୍ଦ ବରିହା, ମଳୟ କୁମାର ହଂସ, କରୁଣା ପ୍ରଧାନ, ଗୋପାଳ ପ୍ରସାଦ ବେହେରା, ମନୋଜ କୁମାର ନାୟକ, ପଦ୍ମଲୋଚନ ସାହୁ, କ୍ରିଷ୍ଣା ବାଗ, ନୀଳମଣି ବରିହା, ଉଗ୍ରସେନ ପ୍ରଧାନ, ମଦନ ଧରୁଆ ,ଉତ୍ତମ ରଣା, ଦେବାସନ ମାଝୀ, ଅରୁଣା ପ୍ରଧାନ ସମେତ ବହୁ ଲୋକ ଉପସ୍ଥିତ ଥିବା ବେଳେ ମଣ୍ଟୁ ସାହୁ,ସୁରେନ୍ଦ୍ର ମାଝୀ ଓ ଅନନ୍ତ ବିଶ୍ୱାଳ ପ୍ରମୁଖ ପରିଚାଳନା ସହଯୋଗ କରିଥିଲେ। ଗିରୀଶ ଚନ୍ଦ୍ର ମାଝୀ ଧନ୍ୟବାଦ ଦେଇଥିଲେ।

# ବଢୁଛି ଜଳକଷ୍ଟ, ଅସ୍ତିତ୍ୱ ହରାଉଛି ଜଳାଶୟ



ଅସ୍ତିତ୍ୱ ହରାଉଥିବା ବରଗଡ଼ ସହରର ଜଳାଶୟ ପୂର୍ଣ୍ଣବନ୍ଧ।

**ବରଗଡ଼,୨୯।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ୧୯ୱାର୍ଡକୁ ନେଇ ଗଠିତ। ଏକଦା ପ୍ରତି ୱାର୍ଡରେ ଏକାଧିକ ଜଳାଶୟ(ବନ୍ଧ,କଟା) ରହିଥିଲା। ପୂର୍ବପୁରୁଷମାନେ ଶ୍ରମଦାନ କରି ଏଠାରେ ଅନେକ ଜଳାଶୟ ଖୋଳିଥିଲେ ଏବଂ ସେଗୁଡ଼ିକର ପୃଥକ୍ ନାମକରଣ କରିଥିଲେ। ବରଗଡ଼ ସହରରେ ପୂର୍ଣ୍ଣବନ୍ଧ, ମଝଲି ବନ୍ଧ, ବାହାବଲ ବନ୍ଧ, ସୁନାରୀ ବନ୍ଧ, ରାଣୀବନ୍ଧ, ଭୁର୍ଷୁନ ବନ୍ଧ, ଦୋରାବନ୍ଧ, ନିଲିବନ୍ଧ, ମନାବନ୍ଧ, ଦାନୀକଟା, ଖଜୁରକଟା, ନାମବନ୍ଧ, ରୁହୁନିଆ ବନ୍ଧ, ବିଶି ବନ୍ଧ, ଫକୀରା ବନ୍ଧ ନାମକ ପାଖାପାଖି ୨୫ବନ୍ଧ, କଟା ରହିଥିଲା। ସେହି ଜଳାଶୟ ପାଣିକୁ ସ୍ଥାନୀୟ ଲୋକେ ପିଇବାଠାରୁ ଆରମ୍ଭ କରି ରୋଷେଇ ଏବଂ ଅନ୍ୟ କାର୍ଯ୍ୟରେ ବ୍ୟବହାର କରୁଥିଲେ। କିନ୍ତୁ ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଜଳାଶୟଗୁଡ଼ିକ ଅସ୍ତିତ୍ୱ ହରାଇବାରେ ଲାଗିଛି। ଏପରି କି ଅନେକ ଲୋପ ପାଇ ଗଲାଣି। ପାଣି ବଦଳରେ କେଉଁଠି ଅନାବନା ଘାସ, ଲତା ପରିପୂର୍ଣ୍ଣ ଅଛି ତ ଆଉ କେଉଁଠାରେ ଜଳାଶୟ ଶୁଖିଲା ପଡ଼ିଛି। ସେହିପରି ମଇଳା, ଆବର୍ଜନା ପକାଇବା ଯୋଗୁ କିଛି ଜଳାଶୟ ପୋତି ହୋଇଯାଉଥିବା ବେଳେ ଶୁଖିଲା ପଡ଼ିଥିବା କେତେକ ବନ୍ଧକଟା ଏବେ ପିଲାଙ୍କ କ୍ରିକେଟ୍ ପିଚ୍ ପାଲଟିଛି। ଏପରି କି କିଛି ନିର୍ଦ୍ଦିଷ୍ଟ ଜଳାଶୟକୁ ପୋତି ଦେଇ ତାକୁ ବିକ୍ରି କରାଯାଇଥିବା ଭଳି ଗୁରୁତର ଅଭିଯୋଗ ହୋଇଥିବାବେଳେ ଯେଉଁ ଅଳ୍ପ କେତେକ ଜଳାଶୟରେ ପାଣି ରହିଛି, ତାହା ମଧ୍ୟ ବ୍ୟବହାର ଉପଯୋଗୀ ହୋଇପାରୁ ନ ଥିବା ସହରବାସୀ କହିଛନ୍ତି। ଏଭଳିସ୍ଥଳେ ଜଳସ୍ତର ହ୍ରାସ ପାଉଥିବାବେଳେ ପୂର୍ବାପେକ୍ଷା ସହରରେ ଅଧିକ ତାତି ଅନୁଭୂତ ହେବା ସାଙ୍ଗକୁ ଜଳକଷ୍ଟ ମଧ୍ୟ ବଢ଼ିବାରେ ଲାଗିଛି।

### ଏମାନେ କୁହନ୍ତି

#### ପ୍ରଶାସନ ନୀରବଦ୍ରଷ୍ଟା



"ବରଗଡ଼ ସହରରେ ଯେଉଁସବୁ ଜଳାଶୟ ରହିଥିଲା, ସମଗ୍ର ବରଗଡ଼ବାସୀଙ୍କ ପାଇଁ ତହିଁର ପାଣି ବ୍ୟବହାର ଉପଯୋଗୀ ହେଉଥିଲା। ଏପରି କି ସହରବାସୀ ଖରାମାସରେ ସେହି ଜଳାଶୟଗୁଡ଼ିକରେ କେନାଲର ପାଣିକୁ ଭର୍ତ୍ତି କରି ରଖୁଥିଲେ। କାଳକ୍ରମେ ପ୍ରଶାସନର ଅବହେଳା ଯୋଗୁ ସେହି ବନ୍ଧ,କଟାସବୁ ପୋତି ହୋଇଗଲା। ବର୍ତ୍ତମାନ କିଛି ଦୁର୍ବୃତ୍ତ ଜୋର୍ ଜବରଦସ୍ତ ଜଳାଶୟକୁ ପୋତି ବିକ୍ରି ମଧ୍ୟ କରି ଦେଲେଣି। ତଥାପି ପ୍ରଶାସନ ନୀରବଦ୍ରଷ୍ଟା ରହିବା ଦୁର୍ଭାଗ୍ୟଜନକ।

**–ସୁରେନ୍ଦ୍ର ପଣ୍ଡା, ବରିଷ୍ଠ ଆଡ୍‌ଭୋକେଟ୍, ବରଗଡ଼**

#### ପୁନରୁଦ୍ଧାର ଜରୁରୀ



"ଆଗକାଳ ଲୋକେ ସହରର ସବୁଆଡ଼େ ବହୁ ପରିଶ୍ରମ କରି ବନ୍ଧ, କଟା ଖୋଳିଥିଲେ। ସହରରେ ପାଣିର ଅଭାବ ନ ଥିଲା। ହେଲେ ଏବେ ଯେଉଁ ବନ୍ଧ, କଟାକୁ ଦେଖିଲେ, ତାହା ଶୁଖିଲା ପଡ଼ିଛି। ଘାସ, ଲଟାରେ ତାହା ପୂରି ରହିଛି। ସେଠାରେ କେତେକ ଲୋକ ମଇଳା, ଆବର୍ଜନା ମଧ୍ୟ ପକାଉଛନ୍ତି। କେବଳ ସେତିକି ନୁହେଁ, ସେଗୁଡ଼ିକ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଅନ୍ୟପଟେ ସହରରେ ପାଣି ସମସ୍ୟା ଲାଗି ରହିଛି। ଏହାସତ୍ତ୍ୱେ ବନ୍ଧ,କଟାର ପୁନରୁଦ୍ଧାର କରାଯାଉ ନାହିଁ। ଏଭଳି ସ୍ଥିତିରେ ସବୁ ବନ୍ଧ, କଟାର ପୁନରୁଦ୍ଧାର କରାଯିବା ଜରୁରୀ ହୋଇ ପଡ଼ିଛି।

**–ଶିବାନନ୍ଦ ମଟାରୀ, ସାମାଜିକ କର୍ମୀ, ବରଗଡ଼**

#### ଇଚ୍ଛାଶକ୍ତିର ଅଭାବ



"ବରଗଡ଼ ସହରର ପ୍ରତ୍ୟେକ ବନ୍ଧ, କଟା ଶୁଖିଲା ପଡ଼ିଛି। ଏଠାରେ ପାଣି ଭର୍ତ୍ତି କରିବା ପାଇଁ ଅନେକ ସାଧନ ରହିଛି। ସହର ଦେଇ ବରଗଡ଼-ଭେଡ଼େନ କେନାଲ ଯାଇ ଥିବାବେଳେ ଜୀରାନଦୀ ମଧ୍ୟ ପ୍ରବାହିତ ହେଉଛି। ଫଳରେ ଶୁଖିଲା ବନ୍ଧ, କଟାରେ ପାଣି ଭର୍ତ୍ତି କରାଯାଇ ପାରିବ। କିନ୍ତୁ ସେଥିପ୍ରତି ପ୍ରଶାସନିକ ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ରହିଛି। ପ୍ରଶାସନିକ ଅଧିକାରୀମାନେ ଆଖିବୁଜି ଦେଇଥିବାବେଳେ ଉଭୟ ଶାସକ, ବିରୋଧୀ ଦଳ ନେତା ମଧ୍ୟ ଚୁପ୍ ରହିବା ବିଡ଼ମ୍ବନାର ବିଷୟ। ଅପରପକ୍ଷେ ଅନ୍ୟ କାମଗୁଡ଼ିକରେ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ ବନ୍ଧ, କଟାକୁ ଲୋକେ ମାଡ଼ି ବସୁଛନ୍ତି।

**–ରାଜେନ୍ଦ୍ର ସିକନ୍ଦର, ସଚେତନ ନାଗରିକ, ବରଗଡ଼**

### ପାନୀୟ ଜଳ ସଙ୍କଟ, ବିଡିଓଙ୍କୁ ଦାବିପତ୍ର

**ଡୁଙ୍ଗୁରିପାଲି, ୨୯।୪(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗଶିରା ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ଏ ନେଇ ପଞ୍ଚାୟତର ବହୁ ଲୋକେ ମଙ୍ଗଳବାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଦିଗଶିରା ଗ୍ରାମର ୧୧ୱାର୍ଡକୁ ନେଇ ଗ୍ରାମ ପଞ୍ଚାୟତ ଗଠିତ ହୋଇଛି। ପାନୀୟ ଜଳ ପାଇଁ ଲୋକେ ବସୁଧା ଯୋଜନାର ଜଳଯୋଗାଣ ପ୍ରକଳ୍ପ ଉପରେ ନିର୍ଭର କରନ୍ତି। କିନ୍ତୁ ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଜଳସ୍ତର କମିଯିବାରେ ଗ୍ରାମକୁ ପ୍ରକଳ୍ପରୁ ଜଳଯୋଗାଣ ବ୍ୟାହତ ହୋଇଛି। ଲୋକେ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିସ୍ଥିତିରେ ଗ୍ରାମରେ ଥିବା ୩ଟି ସୋଲାର ପ୍ରକଳ୍ପ ପାଖରେ ପାଣି ପାଇଁ ଲୋକଙ୍କ ଭିଡ଼ ଜମୁଛି। ଏଥିପାଇଁ ବିଭିନ୍ନ ସମୟରେ ଗଣ୍ଡଗୋଳ ହେଉଛି। ଦାବିପତ୍ର ପ୍ରଦାନ ବେଳେ ଦିବ୍ୟ ମେହେର, କିଶୋର ରଣା, ଚନ୍ଦ୍ରମଣି ମେହେର, ଅଶୋକ ପଧାନ, ସମରେନ୍ଦ୍ର ଧାରୁଆ, ମାନସ ରଞ୍ଜନ ବାରିକ, ଦିନେଶ କୁମାର ମେହେର ଉପସ୍ଥିତ ଥିଲେ। ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ହିମାଦ୍ରୀ ପଧାନଙ୍କୁ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବିଡିଓ ଦାବିପତ୍ର ଗ୍ରହଣ କରି କହିଛନ୍ତି।

## ପର୍ଶୁରାମ ଜୟନ୍ତୀରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

**ବରଗଡ଼,୨୯।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବ୍ରାହ୍ମଣ ମହାସଭା ଓ ଜିଲା ପର୍ଶୁରାମ ବାହିନୀର ମିଳିତ ଆନୁକୂଲ୍ୟରେ ପ୍ରଭୁ ପର୍ଶୁରାମ ଜୟନ୍ତୀ ସମାରୋହ ସୋମବାର ସନ୍ଧ୍ୟା ସାଢ଼େ ୬ଟାରେ ପାଳିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ସାଇକ୍ରୀଷ୍ଣା ପେଲେସରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବେଦମନ୍ତ୍ର ଉଚ୍ଚାରଣ ସହ ଜିଲା ବ୍ରାହ୍ମଣ ମହାସଭାର ସଭାପତି ପଣ୍ଡିତ ଗୋପବନ୍ଧୁ ଦାଶ, କାର୍ଯ୍ୟକାରୀ ସଭାପତି ପଣ୍ଡିତ କୁଳମଣୀ ମହାପାତ୍ର, ସାଧାରଣ ସମ୍ପାଦକ ରବି ପଣ୍ଡା, ଜିଲା ପର୍ଶୁରାମ ବାହିନୀ ସଭାପତି ଦୀପକ ଦାଶ, ବରଗଡ଼ ବ୍ଲକ ବ୍ରାହ୍ମଣ ସମାଜ ସମ୍ପାଦକ ପଣ୍ଡିତ ଶୁଭ୍ରାଂଶୁ ମିଶ୍ର ପ୍ରଭୁ ପର୍ଶୁରାମ ଓ ମାତା ଗାୟତ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରଗଡ଼ ବିଧାୟକ ଅଶିନୀ ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ସବ ଜୁନିୟର ନୃତ୍ୟ ବର୍ଗରେ ୧୦ ଜଣ, ଜୁନିୟର ନୃତ୍ୟ ବର୍ଗରେ ୨୦ ଜଣ, ଶ୍ଳୋକ ଉଚ୍ଚାରଣରେ ୧୦ ଜଣ ପ୍ରତିଯୋଗୀ ଭାଗ ନେଇ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ଜୁନିୟର ବିଭାଗରେ ମାନବିକା ପଣ୍ଡା, ଅରଣା ଦାଶ, ମୁକ୍ତାଶ୍ରି ପାଢ଼ୀ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସବ ଜୁନିୟର ବିଭାଗରେ ସାଇକ୍ରୀଷ୍ଣା ଦାଶ, ଉନ୍ନତି ଦାଶ, ଅଂଶିକା ଆଚାର୍ଯ୍ୟ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମନ୍ତ୍ର ଉଚ୍ଚାରଣରେ ସାଇ ଅଦିକ ପଣ୍ଡା, ବଳରାମ ପ୍ରସାଦ ରଥ, ଅନଭି ଅଭିଶିକ୍ତା ମିଶ୍ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଚାରକ ଭାବରେ ଗୋପାଳ ଦାଶ, ଗୋପାଳ ମିଶ୍ର, ସନ୍ତୋଷ ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଚ୍ଚିଦାନନ୍ଦ ପଣ୍ଡା ସଂଯୋଜନା କରିଥିଲେ। ମନୋରଞ୍ଜନ ପୂଜାରୀ, ନରସିଂହ କର, ପ୍ରତୀକ ରଞ୍ଜନ ଦାଶ, ସୋହନ ପାଣିଗ୍ରାହୀ, ସିଦ୍ଧେଶ୍ୱର ଦାଶ ସହଯୋଗ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ରାକେଶ ନାୟକ, ରାଜ ମିଶ୍ର, କ୍ଷିରୋଦ ଶତପଥୀ, ତୋଷବନ୍ତ ଦାଶ, ରାଜେଶ ଶତପଥୀ, ସତ୍ୟଜିତ କର,ପପ୍ପୁ ଦାଶ, ମାନସ ଚାନ୍ଦ, ସତ୍ୟଜିତ ରଥ, ବ୍ୟୋମକେଶ କର, ରୁଦ୍ରେଶ ଶତପଥୀ, ଗତିଶ ମିଶ୍ର, ଅଜୟ ମିଶ୍ର, ପ୍ରଦୀପ ପାଢ଼ୀ, ଅଶୋକ ପାଣିଗ୍ରାହୀ, ନିଖିଲ ଦାଶ, ରଶ୍ମି ରଞ୍ଜନ ଦାଶ, ସତିଶ ଦାଶ, ସିଦ୍ଧାର୍ଥ ଶଙ୍କର ଦାଶ, ସିଫନ ଦାଶ, ସୁନିଲ ଗୁରୁ ପ୍ରମୁଖ କାର୍ଯ୍ୟକ୍ରମ ସଫଳ କରିବାରେ ସହଯୋଗ କରିଥିଲେ।

### ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଅମରପାଲି,୨୯।୪(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ହୋତାପାଲି ସରକାରୀ ୟୁପି ସ୍କୁଲ ପ୍ରଧାନଶିକ୍ଷକ ଗୋପୀନାଥ ମହାକୁରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ମଙ୍ଗଳବାର ବହଲପଦର ଆଞ୍ଚଳିକ ଗୋଷ୍ଠୀ ସାଧନା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅମରପାଲି ସରକାରୀ ୟୁପି ସ୍କୁଲ ପ୍ରଧାନଶିକ୍ଷକ ଦୁଃଖିଶ୍ୟମ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ ଶିକ୍ଷକ ଗୋବିନ୍ଦ ସାହୁ ମୁଖ୍ୟ ଅତିଥି, ସ୍ଥାନୀୟ କ୍ଲଷ୍ଟର ସିଆରସିସି କମ୍ବୁ ପ୍ରଧାନ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ପ୍ରଦୀପ ଜଗଦଲା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଣବନ୍ଧୁ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୋଡଗାଡ ୟୁପି ସ୍କୁଲ ପ୍ରଧାନଶିକ୍ଷକ ରାମ ନାରାୟଣ ହୋତା, ବହଲପଦର ୟୁପି ସ୍କୁଲ ପ୍ରଧାନଶିକ୍ଷକ ଦେବକାନ୍ତ ପଧାନ, ତପକିରଣ ସାହୁ ଅବସର ଗ୍ରହଣ କରୁଥିବା ପ୍ରଧାନ ଶିକ୍ଷକ ଗୋପୀନାଥ ମହାକୁରଙ୍କ କାର୍ଯ୍ୟଦକ୍ଷତା, ସମୟାନୁବର୍ତ୍ତିତା ଓ ଛାତ୍ରୀଛାତ୍ରଙ୍କ ପ୍ରତି ସ୍ନେହଭାବ ଓ ସ୍କୁଲ ପରିଚାଳନା ଦକ୍ଷତା ବିଷୟରେ ସ୍ମୃତିଚାରଣ କରିଥିଲେ। ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ମହାକୁରଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ରଜତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ଥାନୀୟ ନିଯୁକ୍ତି ଦାବି: ଇଥାନଲ ପ୍ଲାଣ୍ଟ ଆଗରେ ଧାରଣା

**ବରଗଡ଼,୨୯।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବାଉଲସିଂହାସ୍ଥିତ ଇଥାନଲ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସୋମବାର ସକାଳ ପ୍ରାୟ ୮ଟାରୁ ବାଉଲସିଂହା, ରାଇଶୋଭା, ତେଜାଗୋଲା, ନୂଆପାଲି, ବନଛୋରଡିହି ଆଦି ଗ୍ରାମର ଶତାଧିକ ମହିଳା, ପୁରୁଷ ଇଥାନଲ ପ୍ଲାଣ୍ଟକୁ ପହଞ୍ଚି ଥିଲେ। ପ୍ଲାଣ୍ଟର ମୁଖ୍ୟ ଫାଟକ ସମ୍ମୁଖ ସମେତ ପ୍ଲାଣ୍ଟକୁ ଯାଇଥିବା ରାସ୍ତା ଉପରେ ଧାରଣା ଦେଇ ସ୍ଥାନୀୟ ନିଯୁକ୍ତି ଦାବି କରିଥିଲେ। ଲୋକଙ୍କ ଧାରଣା ଯୋଗୁ ପ୍ଲାଣ୍ଟର କର୍ମଚାରୀମାନେ ପ୍ଲାଣ୍ଟ ଭିତରକୁ ଯାଇ ପାରି ନ ଥିଲେ। ଫଳରେ ପ୍ଲାଣ୍ଟ ଏକ ପ୍ରକାର ଅଚଳ ହୋଇ ପଡ଼ିଥିଲା। ଖବର ପାଇ ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ପହଞ୍ଚି ଧାରଣାରେ ବସିଥିବା ଲୋକଙ୍କ ସହିତ ଆଲୋଚନା କରିଥିଲେ। ସ୍ଥାନୀୟ ନିଯୁକ୍ତି ନେଇ ବିହିତ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ପାଣ୍ଡେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଅପରାହ୍ନ ପ୍ରାୟ ୨ଟାରେ ଲୋକେ ଧାରଣାରୁ ଉଠିଥିଲେ ଏବଂ ପ୍ଲାଣ୍ଟରେ ସ୍ୱାଭାବିକ ଭାବେ କାର୍ଯ୍ୟ ଚାଲିଥିଲା। ପ୍ରକାଶଥାଉ କି, ଉକ୍ତ ପ୍ଲାଣ୍ଟ ନିର୍ମାଣ ହେବା ପୂର୍ବରୁ ଉପରୋକ୍ତ ଗ୍ରାମରେ ଗ୍ରାମସଭା ହୋଇଥିଲା। ସେତେବେଳେ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏବେ ପ୍ଲାଣ୍ଟ କାର୍ଯ୍ୟକ୍ଷମ ଅବସ୍ଥାକୁ ଆସିବା ପରେ ସ୍ଥାନୀୟ ନିଯୁକ୍ତି ବଦଳରେ ବାହ୍ୟ ଜିଲା ଓ ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବା ଅଭିଯୋଗ ହୋଇଛି ଏବଂ ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି।

### ଆତଙ୍କବାଦୀ ଆକ୍ରମଣ ଘଟଣା, ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼,୨୯।୪(ପ୍ରେମାନନ୍ଦ ଖମାରୀ):** ଜମ୍ମୁ କାଶ୍ମୀରର ପହଲଗାମ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ଆତ୍ମାର ଶାନ୍ତି ପାଇଁ ରବିବାର ପୂର୍ବାହ୍ନରେ ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସତ୍ୟ ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ଼ ଜର୍ଜ ହାଇସ୍କୁଲ ୧୯୭୫ ମାଟ୍ରିକ ବ୍ୟାଚର ଛାତ୍ରମାନେ ଉପସ୍ଥିତ ରହି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ କିଶୋର କର, ଦେବୀ ପଟ୍ଟନାୟକ, ତୁଳସୀ ଚରଣ ଦାଶ, ଅଭୟ ଭୋଇ, ରବୀନ୍ଦ୍ର ପାଣିଗ୍ରାହୀ, ସୁରେନ୍ଦ୍ର ଦାଶ, କୁନୁ ବଡେଇ, କୁଞ୍ଜ ବିହାରୀ ଗୁପ୍ତା, ସୁରେନ୍ଦ୍ର ପାଣିଗ୍ରାହୀ, ବାଳମୁକୁନ୍ଦ ଦାଶ, ବାସୁ ପ୍ରଧାନ, ସ୍ୱାଧୀନ ମହାରଣା, ଅଶୋକ ପ୍ରଧାନ, ପ୍ରସନ୍ନ ସାମଲ, ଅଶୋକ କୁଅଁର, ଅଶୋକ ଅଗ୍ରୱାଲ, ପୃଥ୍ୱୀରାଜ ନାଏକ, ଲଳିତ ବିଶି, ସୁଧାଂଶୁ ଶେଖର ଶତପଥୀ, ତାନସେନ ସରାଫ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ସମସ୍ୟାର ସମାଧାନ ଦାବି କଲେ ଚାଷୀ

**ବରଗଡ଼, ୨୯।୪(ପ୍ରେମାନନ୍ଦ ଖମାରୀ)**

- ଲୋ ଭୋଲଟେଜ, ନଳକୂପରୁ ଜମିକୁ ଉଠୁ ନି ପାଣି
- ପାଣି ଅଭାବରୁ ଧାନ ଫସଲ ନଷ୍ଟ

ବରଗଡ଼ ଜିଲା ଭଟଲି ବ୍ଲକ ଅଞ୍ଚଳରେ ବିଦ୍ୟୁତ ସମସ୍ୟା ଯୋଗୁ ଅସନ୍ତୋଷ ଦେଖାଯାଇଛି। ଉକ୍ତ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ ସହିତ ଲୋ ଭୋଲଟେଜ ସମସ୍ୟା ଲାଗି ରହିଥିବା ଅଭିଯୋଗ ହୋଇଛି। ଫଳରେ ଗଭୀର ନଳକୂପ ଦ୍ୱାରା ଜମିକୁ ପାଣି ମଡ଼ାଇବା ସମ୍ଭବ ହେଉ ନାହିଁ ଏବଂ ପାଣି ଅଭାବରୁ ଶତାଧିକ ହେକ୍ଟର ଧାନ ଫସଲ ନଷ୍ଟ ହେବାରେ ଲାଗିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଭଟଲି ବ୍ଲକ କୃଷକ ପରିବାର ନେତୃତ୍ୱରେ ସୋମବାର ପୂର୍ବାହ୍ନରେ ସ୍ଥାନୀୟ ସାପ୍ତାହିକି ବଜାର ହାଟପଦାଠାରେ ଥବୀର ସାହୁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ଏବଂ ତହସିଲଦାର ରାମକୃଷ୍ଣ ମିଶ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ନିରଞ୍ଜନ ପଧାନ, କୃଷକ ପରିବାରର ଶାନ୍ତନୁ ମାଝୀ, ଦିଲୀପ ସାହୁ, କନ୍ଦର୍ପ, ସରୋଜ ପଣ୍ଡା, ରବି ପଧାନ, ଅଧୀର ସାହୁ, ବିଦ୍ୟାଧର ସାହୁ, ଅନନ୍ତ ସାହୁ, ବନମାଳୀ ପଧାନ, ଜୟ ଚନ୍ଦ୍ର ପଧାନ, ହେମନ୍ତ ଖମାରୀ ଏବଂ ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଚାଷୀ ପ୍ରତିନିଧିମାନେ ଭଟଲି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## କାଳ ସାଜିଲା କାଳବୈଶାଖୀ, ଉଜାଡ଼ିଲା ଫସଲ

**ଅତାବିରା,୨୯।୪(ଯୁଧିଷ୍ଠିର ମହାପାତ୍ର)**

- ପରିପକ୍ୱ ହେଉନି ଧାନ, ଚିନ୍ତାରେ ଚାଷୀ
- ସରଣ୍ଡାରେ କ୍ଷେତ୍ର ପରିଦର୍ଶନ କଲେ କୃଷି ଅଧିକାରୀ

ଓଡ଼ିଶାର ଭାତ ହାଣ୍ଡି କୁହାଯାଉଥିବା ବରଗଡ଼ ଜିଲା ଅତାବିରା ଅଞ୍ଚଳରେ ଗତ ୨ଦିନ ହେଲା କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ହେବାରୁ ଧାନ ଫସଲ ଉଜୁଡ଼ିବାରେ ଲାଗିଛି। ଅଳ୍ପଦିନ ଦିନ ମଧ୍ୟରେ ରବିଧାନ ଅମଳ ଆରମ୍ଭ ହେବ। ସରଣ୍ଡା ଅଞ୍ଚଳର ୮୦ ପ୍ରତିଶତ ଚାଷୀଙ୍କ ଧାନ ଗର୍ଭ ଅବସ୍ଥାରେ ରହିଛି ତ ଆଉ କେତେକ ଚାଷ କ୍ଷେତ୍ରରେ ଧାନ କେଣ୍ଡା ବାହାରୁଛି। କିନ୍ତୁ ଏବେ କାଳବୈଶାଖୀ ପାଇଁ ଅମଳ ହେବାକୁ ଥିବା ଧାନ ପରିପକ୍ୱତା ହେଉ ନ ଥିବାରୁ ଧାନ ବୀଜ ପୋଲା ହୋଇଯାଉଛି। ଫଳରେ ଅତାବିରା ଅଞ୍ଚଳର ଚାଷୀଙ୍କ ପାଇଁ କାଳ ସାଜିଛି କାଳବୈଶାଖୀ। ଅମଳକ୍ଷମ ଅବସ୍ଥାକୁ ଆସିଥିବା ଧାନ ଝଡ଼ି ପଡ଼ିଛି। ସମ୍ପୃକ୍ତ ଅଞ୍ଚଳରେ ପରିବା ଫସଲ ମଧ୍ୟ ପ୍ରଭାବିତ ହୋଇଛି। ଏହାକୁ ନେଇ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି।

ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୂର୍ବାହ୍ନରେ ଅତାବିରା ବ୍ଲକ କୃଷି ଅଧିକାରୀ ତଥା ଚକୁଲିଫାର୍ମ ସରକାରୀ କୃଷି ଫାର୍ମର ପରିଚାଳକ ଉମାକାନ୍ତ ଗଡ଼ତିଆ ଚକୁଲି ପଞ୍ଚାୟତର ସରଣ୍ଡା ସମେତ ବିଭିନ୍ନ ଗ୍ରାମର ଚାଷ କ୍ଷେତରେ ଚାଷୀଙ୍କ ସହ ପରିଦର୍ଶନ କରିଥିଲେ। ପ୍ରତ୍ୟେକ ଚାଷ



ସରଣ୍ଡାରେ କୃଷି ଅଧିକାରୀ କ୍ଷତିଗ୍ରସ୍ତ ଚାଷୀଙ୍କ ଧାନ କ୍ଷେତ ପରିଦର୍ଶନ କରୁଛନ୍ତି।

ଜମିରେ ଏଭଳି ସମସ୍ୟା ଦେଖାଦେଇଛି। ନମୁନା ସଂଗ୍ରହ କରିଛି, ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ତର୍ଜମା କରିବୁ । କାଳବୈଶାଖୀ ପାଇଁ ଏପରି ହୋଇଛି ନା କୌଣସି ଅଜଣା ରୋଗ ସକାଶେ ଧାନ ପରିପକ୍ୱ ହୋଇପାରୁନି ସେନେଇ ଆବଶ୍ୟକ ପଡ଼ିଲେ ଉପରିସ୍ଥ ଅଧିକାରୀଙ୍କ ନିଷ୍ପତ୍ତିକ୍ରମେ ପୁଣି କ୍ଷେତ୍ର ପରିଦର୍ଶନ କରାଯାଇ ଚାଷୀଙ୍କ ବ୍ୟକ୍ତିଗତ କ୍ଷେତ୍ର ସର୍ଭେ କରାଯିବ ବୋଲି ସେ କହିଛନ୍ତି। ଏପରି ସମସ୍ୟା ସବୁ ୫୦ରୁ ୬୦ ପ୍ରତିଶତ ଦେଖିବାକୁ ମିଳିଛି। ପ୍ରକାଶ ଯେ, ଏଥର ଅନୁକୂଳ ପାଗ ଯୋଗୁ ଅତାବିରା ଅଞ୍ଚଳରେ ଧାନ ଫସଲ ଭଲ ହୋଇଥିଲା। ଆଉ ପ୍ରାୟ ଗୋଟିଏ ସପ୍ତାହ ପରେ ଅମଳ ପ୍ରକ୍ରିୟା ଜୋର୍ ଧରିବ। ଧାନ ଅମଳ ଯେତିକି ପାଖେଇ ଆସୁଛି ସମସ୍ୟା ସେତିକି ବଢ଼ି ବଢ଼ି ଚାଲିଛି। ଧାନ ଅମଳକ୍ଷମ ଅବସ୍ଥାକୁ ଆସିଥିବାବେଳେ କିଛିଦିନ ତଳେ ଧାନ ଫସଲେ ଧାନକେଣ୍ଡାରୁ କିଛି କିଛି ପୋଲା ବା ଅଗାଡ଼ି ବାହାରୁଥିବା ଦେଖିବାକୁ ମିଳିଥିଲା ଏବଂ ଫସଲରେ ଚକଡ଼ା(ମାଟିଆ ଗୁଣ୍ଡି) ରୋଗପୋକ ଉପଦ୍ରବ ଆରମ୍ଭ ହୋଇଥିଲା। ତାହା ନିୟନ୍ତ୍ରଣ ନ ହେଉଣୁ ଏବେ କାଳବୈଶାଖୀ ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି। ଶନିବାର ରାତିରେ କାଳବୈଶାଖୀ ପ୍ରଭାବରେ କରାମାଡ଼, ବର୍ଷା ସହ ଝଡ଼ବତାସ ହେବା ଯୋଗୁ ଅତାବିରା ଅଞ୍ଚଳର ବିଭିନ୍ନ ଗ୍ରାମର ଧାନ ଓ ପରିବା ଫସଲ ମଧ୍ୟ ଉଜୁଡ଼ି ଯାଇଛି। ଏହାକୁ ନେଇ ଅଞ୍ଚଳର ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସରଣ୍ଡା ଗ୍ରାମର କୁବେର ପ୍ରଧାନ କହିଛନ୍ତି, ଏଥର ଧାନ ଫସଲ ଭଲ ହୋଇଥିଲା। କିନ୍ତୁ କାଳବୈଶାଖୀ ବର୍ଷା ଯୋଗୁ ତାଙ୍କର ୬ ଏକର ଧାନ ଫସଲ ଉଜୁଡ଼ି ଯାଇଛି। ଜିଲା ପ୍ରଶାସନ ଠିକ୍ ଭାବେ କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସେହିପରି ଚକୁଳି ଗ୍ରାମର ନରେନ୍ଦ୍ର ପ୍ରଧାନ କହିଛନ୍ତି, ସେ ଚାଷ କରିଥିବା ୫ ଏକର ଜମିରେ ଅଦିନିଆ ବର୍ଷା ପବନରେ ଧାନ ଗଛ ପିଟି ହୋଇ ଗର୍ଭ ଅବସ୍ଥାରେ ଥିବା ଏବଂ ବାହାରୁଥିବା ଧାନ କେଣ୍ଡା ସବୁ ପରିପକ୍ୱ ନ ହୋଇ ଅଗାଡ଼ି ହୋଇଯାଉଛି। ଅଧାରୁ ଅଧା ୫୦ ପ୍ରତିଶତ ଏବେ କ୍ଷତିଗ୍ରସ୍ତ ହୋଇସାରିଛି, ଆଉ କିଛିଦିନ ଗଲେ କ୍ଷତି ପରିମାଣ ୭୦ରୁ ୮୦ ପ୍ରତିଶତକୁ ଯିବ । ସରକାର ଶୀଘ୍ର ସର୍ଭେ କରି କ୍ଷତିଗ୍ରସ୍ତଙ୍କୁ ଧାନ ଫସଲ ପାଇଁ ଇନ୍‌ପୁଟ ସବ୍‌ସିଡି ଏବଂ ବୀମା କ୍ଷତିପୂରଣ ବ୍ୟବସ୍ଥା କରନ୍ତୁ ବୋଲି ପ୍ରଧାନ ଦାବି କରିଛନ୍ତି ।

## ସଂକ୍ଷେପରେ

### ଖାଦାନରୁ ମହିଳାଙ୍କ ମୃତଦେହ ଜବତ

**ରାଉରକେଲା,୨୯।୪(ଦିନେଶ ମିଶ୍ର):** ରାଉରକେଲା ଝିରପାଣି ଥାନା ଅନ୍ତର୍ଗତ ଜଗଦା ନୀଳଶୈଳ କଲେଜ ନିକଟରେ ଥିବା ଏକ ଖାଦାନରୁ ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ମଙ୍ଗଳବାର ଜବତ କରିଛି। ମୃତା ମହିଳା ହେଲେ ଗୀତା ବଡ଼ାଇକ(୩୫)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ସୋମବାର ରାତିରେ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଦଲପୋଷ ଅଞ୍ଚଳର ଗୀତା ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡା ହୋଇଥିଲା। ମଙ୍ଗଳବାର ସକାଳେ ଗୀତା ତାଙ୍କ ସାଙ୍ଗ ଘରକୁ ଯାଉଥିବା କହି ଘରୁ ବାହାରିଥିଲେ ଏବଂ ଉକ୍ତ ଖାଦାନକୁ ଯାଇ ଡେଇଁ ପଡିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**କୁଆଁରମୁଣ୍ଡା,୨୯।୪(ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡା ବ୍ଲକ ରୋଡ ନିବାସୀ ଧର୍ମପରାୟଣା ମହିଳା ଅହଲ୍ୟା ପାଢ଼ୀ(୯୨)ଙ୍କ ମଙ୍ଗଳବାର ପୂର୍ବାହ୍ନରେ ନିଜ ବାସଭବନରେ ପରଲୋକ ହୋଇଛି। ଗତ କିଛି ମାସ ହେଲା ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଘରେ ଶଯ୍ୟାଶାୟୀ ଥିଲେ। ଅପରାହ୍ନରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ କୁଆଁରମୁଣ୍ଡାରୁ ବେଦବ୍ୟାସ ଶ୍ମଶାନ ଘାଟକୁ ନିଆଯାଇ ସେଠାରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ କରାଯାଇଛି। ୪ର୍ଥ ପୁତ୍ର ମନୋଜ ପାଢ଼ୀ ମୁଖାଗ୍ନି ଦେଇଥିଲେ।

### ବିପୁଳ ସଞ୍ଚୟ କଲା ଆର୍‌ଏସ୍‌ପି ରିପେୟାର ଶପ୍ ଇଲେକ୍ଟ୍ରିକାଲ ବିଭାଗ

**ରାଉରକେଲା,୨୯।୪(ବିପ୍ଳବ ରଞ୍ଜନ ଦାଶ):** ଆର୍‌ଏସ୍‌ପିର ରିପେୟାର ଶପ୍ ଇଲେକ୍ଟ୍ରିକାଲ ବିଭାଗ ଆର୍ଥିକ ବର୍ଷ ୨୦୨୪-୨୫ରେ ବୈଷୟିକ ନବସୃଜନ, ଆଭ୍ୟନ୍ତରୀଣ ଦକ୍ଷତା ଏବଂ ଉତ୍କୃଷ୍ଟ କାର୍ଯ୍ୟ ନିପୁଣତା ଦିଗରେ ବହୁ ଉଦ୍ୟୋଗୀ କାର୍ଯ୍ୟ ସଫଳତାର ସହିତ କାର୍ଯ୍ୟକାରୀ କରିଛି। ଏହା କାରଖାନା ପାଇଁ ବିପୁଳ ସଞ୍ଚୟ ଆଣିପାରିଛି। ଏହି ପ୍ରୟାସଗୁଡିକ ଉତ୍ପାଦନ ଖର୍ଚ୍ଚ ହ୍ରାସ ଓ ମୂଲ୍ୟ ନିପୁଣତା ହାସଲ ପୂର୍ବକ ଇସ୍ପାତ ଉଦ୍ୟୋଗରେ ପ୍ରତିଦ୍ୱନ୍ଦିତା ବଜାୟ ରଖିବା ପାଇଁ ଆର୍‌ଏସ୍‌ପିର ରଣନୀତିକ ଧ୍ୟାନ ଅନୁରୂପ ହୋଇଛି। ଏକ ଗୁରୁତ୍ୱପୂର୍ଣ୍ଣ ଇଞ୍ଜିନିୟରିଂ ସଫଳତାରେ ଆର୍‌ଏସ୍‌ପି ତଥା ସମଗ୍ର ସେଲ୍‌ରେ ପ୍ରଥମ ଥର ପାଇଁ କରୋନା ପ୍ରତିରୋଧୀ ୱାୟର ଏବଂ ଡିପ୍ ବାର୍ନିସ ଇମ୍ପ୍ରେସନ (ଭିପିଆଇ) ପ୍ରୟୋଗ କରି ରୋଲର ଟେବୁଲ ଭିଏଫ୍‌ଡି-ଭିପିଆଇ ଗ୍ରେଡ୍ ଅଫ୍ ହଟ୍ ଷ୍ଟ୍ରିପ୍ ମିଲ୍-୨ର ନିର୍ଭରଯୋଗ୍ୟତା ଏବଂ ଏହାର ସ୍ଥାୟିତ୍ୱକୁ ସଫଳତାର ସହିତ ବୃଦ୍ଧି କରିଛି। ଏହି ଅଗ୍ରଣୀ ପଦକ୍ଷେପ ୩.୫ କୋଟି ଟଙ୍କା ସଞ୍ଚୟ କରିଛି। ଯାହାକି ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ ଏବଂ ଉପକରଣ ଆୟୁ ବୃଦ୍ଧି ଦିଗରେ ଆଉ ଏକ ନୂତନ ମାନଦଣ୍ଡ ସ୍ଥିର କରିଛି। ଏତଦବ୍ୟତୀତ ଅନ୍ୟ ଏକ ଜଟିଳ ଅପରେଶନ ଜନିତ ଚାହିଦା ପୂରଣ କରି ଆର୍‌ଏସ୍(ଇ) ବିଭାଗୀୟ ଦଳ ମାତ୍ର ୧୦ଦିନର ଧାର୍ଯ୍ୟ ସମୟସୀମା ମଧ୍ୟରେ ଆଇ-୧ ଏମଭିଏ ୧୧/୦.୪୩୩ କେଭି ଏଇଜି ମେକ୍ ଟ୍ରାନ୍ସଫର୍ମର ନିଜସ୍ୱ ସମ୍ବଳରେ ମରାମତି ଏବଂ ପୁନଃସ୍ଥାପନ ମଧ୍ୟ କରିଥିଲା। ଏହା ଟାଉନ ଇଞ୍ଜିନିୟରିଂ ବିଭାଗର ଏକ ଜରୁରୀକାଳୀନ ଆବଶ୍ୟକତାକୁ ପୂରଣ କରିପାରିଥିଲା। ଏହି ସମୟାନୁବର୍ତ୍ତୀ କାର୍ଯ୍ୟ ପ୍ରାୟ ୧.୫୦ କୋଟି ଟଙ୍କାର ପ୍ରତ୍ୟକ୍ଷ ସଞ୍ଚୟ ସାଧନ କରିପାରିଥିଲା। ସେହିଭଳି ନୂତନ ପ୍ଲେଟ ମିଲ୍ ବିଭାଗ ମଧ୍ୟ ୩.୫ ମେଗାୱାଟ, ୧୧କେଭି, ୧୪୯୩ ଆରପିଏମ ଟିପିସି ୬୩୦ ଏଚ୍‌ସିଜି ଏଲ୍‌ଡି-ସ୍କେଲିଙ୍ଗ ପମ୍ପ-୩ ମୋଟରର ପୁନରୁଦ୍ଧାର କାର୍ଯ୍ୟ ହାସଲ କରିଥିଲା। ଏହି ଜଟିଳ ମରାମତି କାର୍ଯ୍ୟ ଯତ୍ନ ସହକାରେ ସମ୍ପାଦିତ ହୋଇଥିଲା ଯାହା ଉପକରଣର ଉଚ୍ଚମାନକୁ ସୁନିଶ୍ଚିତ କରିବା ସହ ପ୍ରାୟ ୭୦ଲକ୍ଷ ଟଙ୍କାର ସଞ୍ଚୟରେ ସହାୟକ ହୋଇଥିଲା। ଆର୍‌ଏସ୍‌ଇ ସାମୂହିକଙ୍କ ଦ୍ୱାରା ସିଣ୍ଟରିଂ ପ୍ଲାଣ୍ଟ-୩ ନୋଡୁଲାଇଜର ଆଜିଟେଟର ୨ଶହ କିଲୋୱାଟ ସୁନିଶ୍ଚିତ ମ୍ୟାଗ୍‌ନେଟ୍ ସିଙ୍କ୍ରୋନାସ ମୋଟରର ପୁନରୁଦ୍ଧାର ପ୍ରାୟ ୮୫ଲକ୍ଷ ଟଙ୍କାର ସଞ୍ଚୟ ଆଣି ଦେଇଛି। ଏହି ସଫଳତାଗୁଡିକ ନବସୃଜନ, ମୂଲ୍ୟ ଅନୁକୂଳତା ସହ ନିଜସ୍ୱ ସମ୍ବଳ ବିନିଯୋଗ କରି କାର୍ଯ୍ୟଦକ୍ଷତା ବୃଦ୍ଧି ଦିଗରେ ରିପେୟାର ଶପ୍ (ଇଲେକ୍ଟ୍ରିକାଲ) ସାମୂହିକଙ୍କ ଧ୍ୟାନକୁ ପ୍ରତିଫଳିତ କରୁଛି।

# ଯାତ୍ରୀଙ୍କୁ ମିଳୁନି ସ୍ମାର୍ଟ ସେବା

## ରାଉରକେଲା ରେଳ ଷ୍ଟେଶନ

**ରାଉରକେଲା,୨୯।୪(ଦିନେଶ ମିଶ୍ର)**

ରାଉରକେଲା ରେଳ ଷ୍ଟେଶନକୁ ସ୍ମାର୍ଟ ରେଳ ଷ୍ଟେଶନରେ ପରିଣତ କରିବା ପାଇଁ ଏବେ ବହୁ ଉନ୍ନତିମୂଳକ କାର୍ଯ୍ୟ ଚାଲିଛି। ଇତିମଧ୍ୟରେ ରେଳ ଷ୍ଟେଶନର ୭ଟି ପ୍ଲାଟଫର୍ମରୁ ୫ଟିରେ ଯାତ୍ରୀମାନଙ୍କ ସୁବିଧା ପାଇଁ କାର୍ଯ୍ୟ ଶେଷ ହୋଇଛି। ତେବେ ୬ ଓ ୭ ନମ୍ବର ପ୍ଲାଟଫର୍ମ କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଅନ୍ୟ ପ୍ଲାଟଫର୍ମରେ ଯାତ୍ରୀମାନଙ୍କୁ ସ୍ମାର୍ଟ ସେବା ଉପଲବ୍ଧ ହେଉନାହିଁ। ଫଳରେ ଯାତ୍ରୀମାନେ ହଇରାଣ ହେଉଥିବା ଅଭିଯୋଗ ହେଉଛି।

ସୂଚନା ଅନୁସାରେ, ରାଉରକେଲା ରେଳ ଷ୍ଟେଶନର ଉନ୍ନତୀକରଣ ପାଇଁ ୨ଶହ କୋଟି ଟଙ୍କା ମଞ୍ଜୁର ହେବା ପରେ କାମ ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଷ୍ଟେଶନର ୧ନଂ. ପ୍ଲାଟଫର୍ମରେ ଦୁଇଟି ଏସ୍କାଲେଟର ଏବଂ ୨ନଂ. ପ୍ଲାଟଫର୍ମରେ ସିସି କ୍ୟାମେରା ସାଙ୍ଗକୁ ଯାତ୍ରୀ ପ୍ରତୀକ୍ଷାଳୟ କାମ ଶେଷ ହୋଇଛି। ସେହିଭଳି ୩ ନଂ. ପ୍ଲାଟଫର୍ମରେ




ଡିଜିଟାଲ ନମ୍ବରିଂ ସହ ଥଣ୍ଡା ପାନୀୟ ଏବଂ ପାଦଚଲା ର୍‌ୟାମ୍ପ ବ୍ୟବସ୍ଥା ହୋଇଛି। ସେହିଭଳି ୭ଟି ପ୍ଲାଟଫର୍ମକୁ ଯାତାୟାତ କରିବା ପାଇଁ ଶିଡି ସାଙ୍ଗକୁ ର୍‌ୟାମ୍ପର ଆଲୋକୀକରଣ କରାଯାଇଛି। ଷ୍ଟେଶନର ଦ୍ୱିତୀୟ ପ୍ରବେଶ ପଥ ନିକଟରେ ନୂତନ କରି ତିଆରି ହୋଇଥବା ୬ ଓ ୭ ନଂ. ପ୍ଲାଟଫର୍ମ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାତ୍ର ଏହି ଦୁଇ ପ୍ଲାଟ୍‌ଫର୍ମରେ ୪ଟି ଲିଫ୍ଟ ଓ ଏସ୍କାଲେଟର ସଂଯୋଗୀକରଣ ହୋଇ ନ ଥିବାରୁ ଅନ୍ୟ ପ୍ଲାଟଫର୍ମ ଗୁଡିକରେ ଯାତ୍ରୀମାନଙ୍କୁ ଏହି ସୁବିଧା ଉପଲବ୍ଧ ହେଉନାହିଁ । ଏ ନେଇ ରେଳଯାତ୍ରୀ ଅନୀଲ ପତି କୁହନ୍ତି, ରାଉରକେଲା ରେଳ ଷ୍ଟେଶନର ୫ଟି ପ୍ଲାଟଫର୍ମର ସ୍ମାର୍ଟ ବ୍ୟବସ୍ଥା କାର୍ଯ୍ୟ ଶେଷ ହୋଇସାରିଛି। ଏଗୁଡିକ ଚାଲୁ ହେଉ ନ ଥିବାରୁ ଆମେ ଏହାର ସୁବିଧା ପାଇବାରୁ ବଞ୍ଚିତ ହେଉଛୁ। ଏଥିପ୍ରତି ରେଳ ବିଭାଗ ଦୃଷ୍ଟି ଦେବା ଆବଶ୍ୟକ। ସେହିଭଳି ରାଉରକେଲା ନିବାସୀ ହରିହର ସାହୁ କୁହନ୍ତି, ରାଉରକେଲା ରେଳ ଷ୍ଟେଶନରେ ସ୍ମାର୍ଟ ବ୍ୟବସ୍ଥା ଆରମ୍ଭ ହେବା ଜରୁରୀ। ଦୁଇଟି ପ୍ଲାଟଫର୍ମରେ ସାମାନ୍ୟ କିଛି କାମ ପାଇଁ ବର୍ଷ ବର୍ଷ ଧରି ଲୋକେ ସ୍ମାର୍ଟସେବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଷ୍ଟେଶନ ମାଷ୍ଟର ଲକ୍ଷ୍ମୀଧର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଥିଲେ, ରାଉରକେଲା ରେଳ ଷ୍ଟେଶନରେ ଥିବା ୭ଟି ପ୍ଲାଟଫର୍ମରେ ଆହୁରି ୪ଟି ଲିଫ୍ଟ ଓ ୪ଟି ଏସ୍କାଲେଟର ଲାଗିବାକୁ ବାକି ରହିଛି। ଏଥିସହ ର୍‌ୟାମ୍ପପଥଗୁଡିକରେ ଆଲୋକୀକରଣ ବ୍ୟବସ୍ଥା ସାଙ୍ଗକୁ ସିସି କ୍ୟାମେରା ସଂଯୋଗୀକରଣ କାମ ଶେଷ ହୋଇନାହିଁ। ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ଶେଷ ହେବା ପରେ ଯାତ୍ରୀମାନେ ଏହାର ସୁବିଧା ପାଇବେ ବୋଲି ତ୍ରିପାଠୀ କହିଥିଲେ।



**ପ୍ରବଳ ତାତି:** ମଙ୍ଗଳବାର ରାଉରକେଲା ସେକ୍ଟର-୧୯ର ମୁଣ୍ଡା ମାର୍କେଟ ରାସ୍ତାକଡ଼ରେ ତାଳସଜ ବିକ୍ରି ହେଉଛି।

# ମଧୁସୂଦନ ଥିଲେ ସମବାୟ ଆନ୍ଦୋଳନର ପୁରୋଧା




ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିଗଣ।

**ରାଉରକେଲା,୨୯।୪(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଛେଣ୍ଡସ୍ଥିତ ମଧୁସୂଦନ ପାଠାଗାର ଓ ଛେଣ୍ଡ ୱେଲଫେୟାର କମିଟିର ମିଳିତ ଆନୁକୂଲ୍ୟରେ ସୋମବାର ସନ୍ଧ୍ୟାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପାଠାଗାର ସଭାପତି ହରିହର ରାଉତରାୟ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ବିଜୟ କୁମାର ବରାଲଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆର୍‌ଏମ୍‌ସିର ସହ କମିଶନର ଅଜିତ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି, କବି କୁଞ୍ଜ ବିହାରୀ ରାଉତ ମୁଖ୍ୟବକ୍ତା ଏବଂ ପ୍ରାକ୍ତନ ପରିବହନ ଅଧିକାରୀ ପର୍ଶୁରାମ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଧୁସୂଦନଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ମଧୁସୂଦନ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ସମବାୟ ଆନ୍ଦୋଳନ, ନାରୀ ଜାଗରଣରେ ତାଙ୍କ ଭୂମିକା ଅନନ୍ୟ। ସେ ସ୍ୱାଭିମାନର ସୂର୍ଯ୍ୟ ବୋଲି ମୁଖ୍ୟବକ୍ତା ରାଉତ କହିଥିଲେ। ପୂର୍ବରୁ ଆୟୋଜିତ ମଧୁସୂଦନଙ୍କ ଜୀବନୀ ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତାର କୃତୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ସମାଜସେବା ପାଇଁ ଭରତ ବାଇ ଓ ବିଜୟ କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା। କମିଟିର ସମ୍ପାଦକ ବ୍ରଜକିଶୋର ପାଣି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୱେଲଫେୟାର କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ରବିନ୍ଦ୍ର କୁମାର ସରାଫ, ଡ. ପ୍ରଭାକର ନାୟକ, ରାଖାଲ ମହାନ୍ତି, ସୂର୍ଯ୍ୟନାରାୟଣ ପଣ୍ଡା, ଅନିରୁଦ୍ଧ ମିଶ୍ର, ସଞ୍ଜୀବ ବେହେରା, ପରମେଶ୍ୱର ମହାରଣା, ଯୋଗେଶ ପ୍ରଧାନ, ରବି ସିଂ, ରମେଶ ସିଂ, ପ୍ରବୋଧ ସାହୁ, ସୁବାସ ମହାପାତ୍ର, ଭୂପେନ ମହାପାତ୍ର, ଶ୍ରୀକାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ବୋରିଂ ଗାଡ଼ି ଚାପାରେ ଶ୍ରମିକ ମୃତ

**କୁଆଁରମୁଣ୍ଡା,୨୯।୪(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ତଳ ବସ୍‌ଷ୍ଟାଣ୍ଡ ନିକଟରେ ଏକ ନଳକୂପ ବୋରିଂ ଗାଡ଼ି ଚାପାରେ ଜଣେ ଶ୍ରମିକଙ୍କ ମଙ୍ଗଳବାର ଭୋର୍ ସାଢେ ୪ଟାରେ ମୃତ୍ୟୁ ହୋଇଛି। ମୃତକ ହେଲେ ରବି ରାୱାତ(୨୨) ଏବଂ ସେ ମଧ୍ୟପ୍ରଦେଶ ରାଜ୍ୟ ରେୱା ଅଞ୍ଚଳର ବାସିନ୍ଦା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା (ନଂ.୧୭୮/୨୫) ରୁଜୁ ହୋଇଛି। ଘଟଣା ପରେ ଗାଡ଼ି ଚାଳକ ବଂଶ ବାହାଦୁର(୩୪) ଫେରାର ଅଛନ୍ତି। ସୂଚନା ଅନୁସାରେ, ବୀରମିତ୍ରପୁର ଥାନା ଅନ୍ତର୍ଗତ ତଳ ବସ୍‌ଷ୍ଟାଣ୍ଡ ନିକଟରେ ଉକ୍ତ ନଳକୂପ ବୋରିଂ ଗାଡ଼ି (ନଂ.କେଏ୦୧ଏମ୍‌ଆର୍/୧୯୯୯) ଛିଡା ହୋଇଥିଲା। ରବି ସେହି ଗାଡ଼ିରେ ଶ୍ରମିକ ଭାବେ କାମ କରନ୍ତି। ଘଟଣାଦିନ ସେ ଉକ୍ତ ଗାଡ଼ି ତଳେ ଶୋଇଥିଲା ବେଳେ ରବିଙ୍କ ଉପରେ ଚକା ଚଢ଼ିଯାଇଥିଲା। ଉକ୍ତ ଗାଡ଼ିର ଅନ୍ୟ ଜଣେ ଶ୍ରମିକ ରାଜମୋହନ ନାମଦେବ ଏ ନେଇ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଉକ୍ତ ବୋରିଂ ଗାଡ଼ିକୁ ଜବତ କରିଥିବା ଆଇଆଇସି ରାମ ପ୍ରସାଦ ନାଗ ସୂଚନା ଦେଇଛନ୍ତି।

# ମେ ୭ରୁ ଆର୍‌ଏସ୍‌ପି ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ

**ରାଉରକେଲା,୨୯।୪(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଆସନ୍ତା ମେ ୭ରୁ ୨୭ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଶିବିରର ଉଦ୍‌ଘାଟନୀ ସମାରୋହ ୭ତାରିଖ ସକାଳ ୭ଟାରେ ଇସ୍ପାତ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଅଂଶଗ୍ରହଣକାରୀମାନଙ୍କୁ ୧୪ଟି କ୍ରୀଡ଼ା ବିଭାଗରେ ପ୍ରଶିକ୍ଷଣ ଦିଆଯିବ। ଶିବିରରେ ବିଦ୍ୟାଳୟର ୫ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ରୀଡ଼ାରେ ତାଲିମ ପାଇବେ। ସେହିପରି ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଚେସ୍‌ରେ ଅଂଶଗ୍ରହଣ କରିବା ସହ ୭ମରୁ ଯୁକ୍ତ ୨ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଭଲିବଲ, ଭାରୋତ୍ତୋଳନ ଏବଂ ପାୱାର ଲିଫ୍ଟିଙ୍ଗ ପାଇଁ ନାମ ଲେଖାଇ ପାରିବେ। ଏଥିସହ ଯୋଗ ଶିବିରରେ ସମସ୍ତ ବୟସ ବର୍ଗର ଛାତ୍ରୀଛାତ୍ର ଭାଗ ନେଇପାରିବେ। ଏହି ଶିବିର ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ କରାଯିବାକୁ ଧାର୍ଯ୍ୟ ହୋଇଛି। କେବଳ ଚେସ୍ ଓ ଫୁଟବଲ ଖେଳର ଅଂଶଗ୍ରହଣକାରୀଙ୍କ ପାଇଁ ଅପରାହ୍ନ ୪ଟା ୪୦ରୁ ସନ୍ଧ୍ୟା ୬ଟା ୩୦ମିନିଟ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଛି। ଏଥିରେ ଅଂଶଗ୍ରହଣ କରିବାକୁ ବିଦ୍ୟାଳୟଗୁଡିକ ଛାତ୍ରୀଛାତ୍ରମାନଙ୍କ ନିର୍ଦ୍ଧାରିତ ପ୍ରବେଶିକା ଆବେଦନପତ୍ର ସେକ୍ଟର-୫ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମସ୍ଥିତ ଆର୍‌ଏସ୍‌ପି କ୍ରୀଡ଼ା ବିଭାଗ ନିକଟରେ ଦାଖଲ କରିବାକୁ ସୂଚନା ଦିଆଯାଇଛି। ମେ ୫ତାରିଖ ଅପରାହ୍ନ ୫ଟା ଯାଏ ପ୍ରବେଶିକା ଆବେଦନପତ୍ର ଗ୍ରହଣ କରାଯିବ। ଏ ସମ୍ବନ୍ଧୀୟ ଅଧିକ ବିବରଣୀ ପାଇଁ ଆର୍‌ଏସ୍‌ପି କ୍ରୀଡ଼ା ବିଭାଗ କାର୍ଯ୍ୟାଳୟର ଯୋଗାଯୋଗ ନଂ. ୮୮୯୫୫୦୪୭୩୦ ଓ ୮୮୯୫୫୦୪୭୫୧ରେ ଯୋଗାଯୋଗ କରିବାକୁ ଆର୍‌ଏସ୍‌ପି କ୍ରୀଡା ବିଭାଗ ପକ୍ଷରୁ ମଙ୍ଗଳବାର ସୂଚନା ପ୍ରଦାନ କରାଯାଇଛି।

# ଆରଏସ୍‌ପି ଅଧିକାରୀ, କର୍ମଚାରୀ ପୁରସ୍କୃତ



ସାବାସ ପୁରସ୍କାର ପାଇଥିବା ଅଧିକାରୀ ଓ କର୍ମଚାରୀ।

**ରାଉରକେଲା,୨୯।୪(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକଙ୍କ ଆଲୋଚନା କକ୍ଷରେ ଗତ ୨୬ ତାରିଖରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ଅକ୍ସିଜେନ ପ୍ଲାଣ୍ଟ, ଜଳ ପରିଚାଳନା ବିଭାଗ ଏବଂ ପରିବେଶ ଇଞ୍ଜିନିୟରିଂ ବିଭାଗର ୪ ଅଧିକାରୀଙ୍କ ସମେତ ୧୨ କର୍ମଚାରୀଙ୍କୁ ସାବାସ ଯୋଜନାରେ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପରିବେଶ ଉପଯୋଗିତା ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଅକ୍ସିଜେନ ପ୍ଲାଣ୍ଟର ଜିଏମ୍ ଇନ୍‌ଚାର୍ଜ ଏସ୍.ଏସ୍. ସାଇନି, ଜଳ ପରିଚାଳନା ବିଭାଗ ଜିଏମ୍ ଇନ୍‌ଚାର୍ଜ ଦେବଜିତ ରାଭା, ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ପି. ସି. ଦାଶ ଏବଂ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ମହାପାତ୍ର ସେମାନଙ୍କ ନିଷ୍ଠା ଓ ଉତ୍କୃଷ୍ଟ କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିବା ସହ କାରଖାନାର ଉତ୍ପାଦନ, ଉତ୍ପାଦକତା ଏବଂ ବୈଷୟିକ ଅର୍ଥନୈତିକ ପରିମାପକତା ଲକ୍ଷ୍ୟ ହାସଲ କରିବା ପାଇଁ ଏଭଳି ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ବର୍ଗ-୨ର ପୁରସ୍କାର ବିଜେତାମାନେ ହେଲେ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ ଭି. ଭି. ଆର. ମୂର୍ତ୍ତି, ଜଳ ପରିଚାଳନା ବିଭାଗ ଜିଏମ୍ ଅଜିତ ବେହେରା, ଅକ୍ସିଜେନ ପ୍ଲାଣ୍ଟ ବିଭାଗ ଏଜିଏମ୍ ସୁନୀଲ କୁମାର ପାଣିଗ୍ରାହୀ ଏବଂ ଜଳ ପରିଚାଳନା ବିଭାଗ ଡେପୁଟି ମ୍ୟାନେଜର ଦିଲ୍ଲୀପ କୁମାର ଦଳେଇ। ସେହିଭଳି ବର୍ଗ-୧ରେ ପୁରସ୍କୃତ ହୋଇଥିବା କର୍ମଚାରୀମାନେ ହେଲେ ଜଳ ପରିଚାଳନା ବିଭାଗ ଜୁନିୟର ଇଞ୍ଜିନିୟର ଜୟନ୍ତ କୁମାର ସାହୁ, ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଜୁନିୟର ଇଞ୍ଜିନିୟର ଏମ୍‌ଡି ମମତାଜ ଖାନ, ଗୋବିନ୍ଦ ଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସାହୁ ଏବଂ ନିୟାରଣ ଟପ୍ପୋ। ଏସ୍‌ଓଏସ୍‌ଟି ସଦାଶିବ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଓଡ଼ିଆ ଜାତି ପାଇଁ ସମର୍ପିତ ଥିଲେ ମଧୁବାବୁ

**ରାଉରକେଲା,୨୯।୪(ଦିନେଶ ମିଶ୍ର)**

ରାଉରକେଲା ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ପରିସରରେ ସୋମବାର ଉତ୍କଳ ସମ୍ମିଳନୀ ପକ୍ଷରୁ ସଭାପତି ସୁଦାମ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ମଧୁବାବୁ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ମଧୁବାବୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରଥମ ସ୍ରଷ୍ଟା ଥିଲେ। ଓଡ଼ିଆ ଭାଷା, ଜାତି ପାଇଁ ସେ ତାଙ୍କ ଜୀବନକୁ ସମର୍ପିତ କରିଥିଲେ ବୋଲି ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ଅତୀତରୁ ଶିଖିବା ଓ ଓଡ଼ିଆକୁ ଭଲ




ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି।

ପାଇବା ହିଁ ମଧୁବାବୁଙ୍କ ଜୟନ୍ତୀ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଉତ୍ତମ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ। ଉପସଭାପତି ଚିତ୍ତରଞ୍ଜନ ଦାସ ମଧୁବାବୁଙ୍କୁ ଭାରତରତ୍ନ ଉପାଧି ଦେବାକୁ ଦାବି କରିଥିଲେ। ଏହି ଅବସରରେ ନୀଳଚକ୍ର ପକ୍ଷରୁ ଚିନ୍ମୟ ଇଂଲିଶ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବିଶତପଥୀ, ସୁନାଫୁଲ ସାହିତ୍ୟ ସଂସଦ ସମ୍ପାଦକ ସୁନୀଲ କୁମାର ମହାନ୍ତି, ଶିକ୍ଷୟିତ୍ରୀ ଉର୍ବଶୀ ଦାଶପତି ପ୍ରମୁଖ ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀର ଉପସଭାପତି କିଶୋରୀ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଗୋପବନ୍ଧୁ ପାଠାଗାର ସାଧାରଣ ସମ୍ପାଦକ ହରିହର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୧ ଅଭିଯୋଗର ହେଲା ଶୁଣାଣି

## ଜିଲାସ୍ତରୀୟ ମାନବାଧିକାର କ୍ଷୁର୍ଣ୍ଣ ସମ୍ପର୍କିତ ଶୁଣାଣି ଶିବିର

**ରାଉରକେଲା,୨୯।୪(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ଉଦିତନଗର ଆଇଟିଡିଏ ହଲ୍‌ରେ ମଙ୍ଗଳବାର ମାନବାଧିକାର କ୍ଷୁର୍ଣ୍ଣ ସମ୍ପର୍କିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ମାନବାଧିକାର ଆୟୋଗର ବରିଷ୍ଠ ସଦସ୍ୟ ଅସୀମ ଅମିତାଭ ଦାଶ ଯୋଗ ଦେଇଥିଲେ। ଶିବିରରେ ମୋଟ୍ ୧୮ଟି ମାମଲା ଆଗତ ହୋଇଥିବା ବେଳେ ୧୧ଟିର ଶୁଣାଣି ହୋଇଥିଲା। ପାନପୋଷ ଉପ ଜିଲାପାଳ ବିଜୟ କୁମାର ନାୟକ, ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରେକୃଷ୍ଣ ମାଝୀ, ସୁନ୍ଦରଗଡ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶାନ୍ତୁ ନୂତନ ସାମଦ ପ୍ରମୁଖ ଯୋଗଦେଇ ମାମଲା ଉପରେ ମାନବାଧିକାର ଆୟୋଗ ସଦସ୍ୟଙ୍କୁ ତଥ୍ୟ ପ୍ରଦାନ କରିଥିଲେ। ସୁନ୍ଦରଗଡ ଜିଲା ତଥା ରାଉରକେଲାରେ ମାନବାଧିକାର କ୍ଷୁର୍ଣ୍ଣ ମାମଲାକୁ ନେଇ ମାନବାଧିକାର ଆୟୋଗ ସଦସ୍ୟ ଦାଶ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାସହ ଲୋକଙ୍କ ମାନବାଧିକାର ଯେଭଳି କ୍ଷୁର୍ଣ୍ଣ ନ ହୁଏ ସେ ଦିଗରେ ଯତ୍ନଶୀଳ ହେବା ପାଇଁ ପୋଲିସ ପ୍ରଶାସନକୁ ସେ ପରାମର୍ଶ ଦେଇଥିଲେ। ରାଉରକେଲା ତହସିଲଦାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଶିବିରରେ ମଞ୍ଚାସୀନ ଅଧିକାରୀଗଣ।

# ଅସହାୟଙ୍କ ପାଖରେ ଆଇନ ସେବା ପହଞ୍ଚାଅ

## ଜିଲା ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳନ

**ସୁନ୍ଦରଗଡ,୨୯।୪(ଜୟ ନାରାୟଣ ମେଣ୍ଡୁଲି)**

ଜିଲା ଓକିଲ ସଙ୍ଘ ତରଫରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ତଥା ଆଇନଜୀବୀ ଦିବସ ସୋମବାର ପାଳିତ ହୋଇଯାଇଛି। ସ୍ଥାନୀୟ ସଂସ୍କୃତି ଭବନରେ ଆୟୋଜିତ ଏହି ସମାରୋହରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ଜାତି ପାଇଁ ମଧୁସୂଦନ ଦାସଙ୍କ ତ୍ୟାଗ ଓ ଅବଦାନ ଉପରେ ଆଲୋଚନା କରିଥିଲେ। ଆଇନଜୀବୀମାନେ ସର୍ବଦା ନୈତିକତା ଆଧାରରେ ନିଜର ଦାୟିତ୍ୱକୁ ସମ୍ପାଦନ କରିବା ସହ ସମାଜର ଅସହାୟ ଲୋକଙ୍କ ନିକଟରେ ଆଇନ ସହାୟତା ପ୍ରଦାନ ଦିଗରେ ଗୁରୁତ୍ୱ




ଆଇନଜୀବୀ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେବାକୁ ଆହ୍ୱାନ ଦେଇଥିଲେ। ଜିଲା ଦୌରାଜଜ୍ ତଥା ଅନ୍ୟ ବରିଷ୍ଠ ଓ କନିଷ୍ଠ ବିଚାରପତିମାନେ ସମ୍ମାନିତ ଅତିଥି ରୂପେ ଯୋଗ ଦାନ କରି ଆଇନଜୀବୀମାନଙ୍କୁ ଦିଗ ଦର୍ଶନ ଦେଇଥିଲେ। ଜିଲା ଓକିଲ ସଙ୍ଘର ସଭାପତି ଧର୍ମେଶ କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ ଓ ଅଶୋକ କୁମାର ଦାଶ ଯୁବ ଓକିଲମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଅନ୍ୟବରିଷ୍ଠ ଓକିଲ ସୁକାନ୍ତ ମହାପାତ୍ର, ସ୍ୱରାଜ ପଟେଲ ମଧ୍ୟ ନିଜର ବକ୍ତବ୍ୟ ରଖି ସମାଜରେ ନିଜକୁ ଜଣେ ସଫଳ ଆଇନଜୀବୀ ଭାବେ ଗଢିତୋଳିବାକୁ ମଧୁବାବୁଙ୍କ ନୀତି ଆଦର୍ଶ ଅନୁକରଣୀୟ ବୋଲି କହିଥିଲେ। ଏହି ଅବସରରେ ଓକିଲ ସଙ୍ଘ ପକ୍ଷରୁ ମୁଖ୍ୟଅତିଥିଙ୍କୁ ଉପଢୌକନ ଓ ସ୍ମୃତି ଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଦିବଙ୍ଗତ ଓକିଲଙ୍କ ସ୍ତ୍ରୀମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଓକିଲ ସଙ୍ଘର ସମ୍ପାଦକ ବିଭୋର କୁମାର ପଟେଲ ଧନ୍ୟବାଦ ଦେଇଥିଲେ।

# ମେ' ୧୪ରୁ ରବିଧାନ ସଂଗ୍ରହ

**ସମ୍ବଲପୁର ଜିଲାସ୍ତରୀୟ ଡିଏଲ୍‌ପିସି ବୈଠକ**

■ଧାନ ବିକିବେ ୧୬ ହଜାର ଚାଷୀ, ୫୮ କେନ୍ଦ୍ରରେ ହେବ ସଂଗ୍ରହ

ସମ୍ବଲପୁର,୨୯।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଆସନ୍ତା ମେ ୧୪ରୁ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଏଥିରେ ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କ ସହିତ ୩୨ଟି ପ୍ରାଥମିକ କୃଷି ସମବାୟ ସମିତି(ପିଏସିଏସ୍) ଓ ବୃହତ ଅଞ୍ଚଳ ବହୁମୁଖୀ ସମିତି(ଏଲ୍‌ଏଏମ୍‌ପିଏସ୍) ଅଂଶଗ୍ରହଣ କରିବେ। ଜିଲାସ୍ତରୀୟ ଧାନ ସଂଗ୍ରହ ସମିତି(ଡିଏଲ୍‌ପିସି) ବୈଠକରେ ଏହି ସୂଚନା ଦିଆଯାଇଛି।

ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଡିଏଲ୍‌ପିସି ବୈଠକରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ପ୍ରତିନିଧି ସମୀର ବାବୁ, କୁଚିଣ୍ଡା ବିଧାୟକ ରବିନାରାୟଣ ନାୟକଙ୍କ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲଙ୍କ ପ୍ରତିନିଧି ଫଣିନ୍ଦ୍ର ପଟ୍ଟନାୟକ, ଜିଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ବୈଠକରେ ଜିଲାର କୌଣସି ଚାଷୀ ଯୋଗ ଦେଇ ନ ଥିଲେ। ଉପସ୍ଥିତ ଜନପ୍ରତିନିଧିମାନେ



ବୈଠକରେ ମଞ୍ଚାସୀନ ଜିଲାପାଳଙ୍କ ସହିତ ସମିତି ସଦସ୍ୟମାନେ।

ଧାନ ସଂଗ୍ରହ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ମୁଖ୍ୟତଃ ଧାନ ସଂଗ୍ରହ କେନ୍ଦ୍ରର ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ସେମାନେ ଧାନ ସଂଗ୍ରହ ସମୟରେ ଉପୁଜୁ ଥିବା ସମସ୍ୟାର ସମାଧାନ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଗ୍ରୀଷ୍ମ ପ୍ରବାହ, କାଳ ବୈଶାଖୀ ଜନିତ ଅଦିନିଆ ବର୍ଷା ଓ ପ୍ରାକ୍ ମୌସୁମୀକୁ ଦୃଷ୍ଟିରେ ରଖି ଆବଶ୍ୟକ ବ୍ୟବସ୍ଥା, ମଣ୍ଡିକୁ ଆସୁଥିବା ଧାନକୁ ତୁରନ୍ତ କ୍ରୟ କରି ଚାଷୀଙ୍କୁ ବୋଝମୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। କଟ୍‌ନୀଛଟନୀ ଜନିତ ଶୋଷଣର ପ୍ରତିକାର କରିବାକୁ ମଧ୍ୟ ଜନପ୍ରତିନିଧିମାନେ ପ୍ରସ୍ତାବ ଦେଇଥିଲେ। ତେବେ ଚଳିତବର୍ଷ ରବିଧାନ ସଂଗ୍ରହକୁ ଅଧିକ ଶୃଙ୍ଖଳିତ କରାଯିବ ବୋଲି ଜିଲାପାଳ ବୋନ୍ଦର ପ୍ରତିଶ୍ରୁତି ଦେଇଥିଲେ। ସେ କହିଥିଲେ, ଧାନ ସଂଗ୍ରହ ସମିତିର ନିଷ୍ପତ୍ତିକ୍ରମେ ମେ ୧୪ରୁ ଜିଲାରେ ଧାନ ସଂଗ୍ରହ ପାଇଁ ନିଷ୍ପତ୍ତି ହୋଇଛି। ସମସ୍ତ ଧାନ ସଂଗ୍ରହ କେନ୍ଦ୍ରରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଚାଷୀଙ୍କ ପାଇଁ ସହ ପ୍ରତିକ୍ଷା କକ୍ଷ, ଅଲୋକ, ପାନୀୟ ଜଳ, ଶୌଚାଳୟ, ଅଧିକ ସଂଖ୍ୟକ ଚାଷୀଙ୍କ ସମାଗମ ହେଉଥିବା ସଂଗ୍ରହ କେନ୍ଦ୍ରରେ ଖାଦ୍ୟ ବ୍ୟବସ୍ଥା କରାଯିବ। କାଳ ବୈଶାଖୀ ଜନିତ ଅଦିନିଆ ବର୍ଷା ଓ ପ୍ରାକ୍ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ସଂଗ୍ରହ କେନ୍ଦ୍ରରେ ଯଥେଷ୍ଟ ସଂଖ୍ୟାରେ ପାଲ ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ପ୍ରତ୍ୟେକ କେନ୍ଦ୍ରରେ ଡିଜିଟାଲ ଆଦ୍ରତା ମାପକ ଯନ୍ତ୍ର, ଓଜନ ମେଶିନ, ବିଶ୍ଳେଷଣ କିଟ ଆଦି ଯୋଗାଇ ଦିଆଯିବ। ସର୍ବୋପରି ସମସ୍ତ କ୍ରୟ ଉପରେ ସିସିଟିଭି ମାଧ୍ୟମରେ ନଜର ରଖାଯିବ।

ଚଳିତବର୍ଷ ରବିଧାନ ବିକ୍ରୟ ପାଇଁ ୧୬,୫୦୪ଜଣ ଚାଷୀ ପଞ୍ଜିକୃତ ହୋଇଥିଲେ। ଯାଞ୍ଚ ପରେ ୧୬,୪୯୦ ଚାଷୀ ଧାନ ବିକ୍ରି ପାଇଁ ଅନୁମୋଦିତ ହୋଇଛନ୍ତି। କଷ୍ଟମ ମିଲିଂ ପାଇଁ ୪୬ ଜଣ ମିଲର ଅଂଶଗ୍ରହଣ କରୁଥିବା ବେଳେ ଜିଲାରେ ମୋଟ ୫୮ଟି ଧାନ ସଂଗ୍ରହ କେନ୍ଦ୍ରରେ ଧାନ କ୍ରୟ କରାଯିବ। ପି-ପାସ୍ ମାଧ୍ୟମରେ ଚାଷୀଙ୍କ ଧାନକ୍ରୟ କରାଯିବ। ଏଥିପାଇଁ ଅନୁମୋଦିତ ଚାଷୀଙ୍କ ନାମରେ କେନ୍ଦ୍ରୀୟ ଟୋକନ୍ ଜାରି କରାଯିବା ସହିତ ସମ୍ପୃକ୍ତ ଚାଷୀଙ୍କ ପଞ୍ଜିକୃତ ମୋବାଇଲକୁ ଧାନ ବିକ୍ରୟ ସକାଶେ ଧାର୍ଯ୍ୟ ଦିନ ଓ ସମୟ ସମ୍ପର୍କରେ ଏସ୍‌ଏମ୍‌ଏସ୍ ମାଧ୍ୟମରେ ସୂଚନା ଦିଆଯିବ। ଧାନ ବିକ୍ରିର ୨୪ରୁ ୪୮ଘଣ୍ଟା ମଧ୍ୟରେ ଅନ୍ ଲାଇନ୍‌ରେ ଚାଷୀଙ୍କ ବ୍ୟାଙ୍କ ଜମାଖାତାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଅନୁସାରେ ପ୍ରାପ୍ୟ ଜମା କରାଯିବ। ୨୦୨୪-୨୫ରେ ସାଧାରଣ ଧାନର ସର୍ବନିମ୍ନ ସହାୟକ ମଲ୍ୟ କୁଇଣ୍ଟାଲ ପିଛା ୨୩୦୦ ଓ ଗ୍ରେଡ୍-ଏ ଧାନ ୨୩୨୦ ଟଙ୍କା ଧାର୍ଯ୍ୟ ହୋଇଛି ବୋଲି ଜିଲାପାଳ ବୋନ୍ଦର କହିଛନ୍ତି। ଜିଲା ସମବାୟ ସମିତି ଉପନିବନ୍ଧକ ଗଜେନ୍ଦ୍ର ପଣ୍ଡା କ୍ରୟକେନ୍ଦ୍ରର ଆବଶ୍ୟକ ଭିତ୍ତିଭୂମି ତଥା ବିଗତ ବର୍ଷର ଧାନ ସଂଗ୍ରହ ସମ୍ପର୍କିତ ବିବରଣୀ ଉପସ୍ଥାପନ କରିଥିଲେ। ଭାରପ୍ରାପ୍ତ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ବୀରେନ୍ଦ୍ର ସୋରେଙ୍ଗ ଗତ ଖରିଫରେ ସଂଗୃହୀତ ଧାନ ଓ କଷ୍ଟମ୍ ମିଲିଂ ପରେ ମିଲରଙ୍କ ଦ୍ୱାରା ଫେରସ୍ତ ଚାଉଳର ସ୍ଥିତି ଉପରେ ଆଲୋକପାତ କରିଥିଲେ। ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡାଙ୍କ ସମେତ ରେଢ଼ାଖୋଲ ଓ କୁଚିଣ୍ଡା ଉପଜିଲାପାଳ, ଯୋଗାଣ ବିଭାଗ ଅଧିକାରୀ, ନିରୀକ୍ଷକଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଓ ମିଲର୍ସ ଯୋଗ ଦେଇଥିଲେ।

## ଡିଏଲ୍‌ପିସି ବୈଠକଙ୍କୁ ଚାଷୀଙ୍କ ବର୍ଜନ


ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣାରତ ଚାଷୀ।

ସମ୍ବଲପୁର,୨୯।୪(ପ୍ରମୋଦ ବହିଦାର)

ସମ୍ବଲପୁରରେ ମଙ୍ଗଳବାର ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ ସମିତି(ଡିଏଲ୍‌ପିସି) ବୈଠକକୁ ଜିଲାର ଚାଷୀମାନଙ୍କ ପକ୍ଷରୁ ବର୍ଜନ କରାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କୌଣସି ଚାଷୀ ଯୋଗଦେଇ ନ ଥିଲେ। ଫଳରେ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହେବାକୁ ଥିବା ଏହି ବୈଠକ ପ୍ରାୟ ଦେଢ଼ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ପଶ୍ଚିମ ଓଡ଼ିଶାରେ ଚାଷ ହେଉଥିବା ଧାନ ସଂଗ୍ରହର ସମୟ ଓ ଏକରପିଛା ପରିମାଣକୁ ଜିଲାସ୍ତରରେ ନିର୍ଦ୍ଧାରଣ କରାଯିବା ପରିବର୍ତ୍ତେ ଭୁବନେଶ୍ୱରରୁ ନିଆଯାଉଥିବା ନିଷ୍ପତ୍ତିକୁ ବିରୋଧ କରି ଚାଷୀମାନେ ଡିଏଲ୍‌ପିସି ବୈଠକରେ ସାମିଲ ନ ହୋଇ ପ୍ରତିବାଦ ସ୍ୱରୂପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। ସେହିପରି ଏହି ବୈଠକରେ ଯୋଗଦେବା ପାଇଁ ଜିଲାପାଳଙ୍କ ପକ୍ଷରୁ ଜାରି ପତ୍ରରେ ଚାଷୀ ସଙ୍ଗଠନ ବଦଳରେ କେବଳ ସଙ୍ଗଠନର କେତେକ ଚାଷୀ ପ୍ରତିନିଧିଙ୍କୁ ଆମନ୍ତ୍ରଣ କରାଯାଇଥିଲା। ଏହାକୁ ମଧ୍ୟ ଚାଷୀ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଥିଲା। ଏହାର ପ୍ରତିବାଦରେ କୃଷକ ସଙ୍ଗଠନର କର୍ମକର୍ତ୍ତା ଓ କେତେକ ଚାଷୀ ପ୍ରତିନିଧି ଜିଲାପାଳଙ୍କୁ ସାକ୍ଷାତ କରିବାକୁ ଯିବା ବେଳେ ସେଠାରେ ନିୟୋଜିତ ପୋଲିସ ସୁରକ୍ଷାକର୍ମୀ ସେମାନଙ୍କୁ ବାଧା ଦେଇଥିଲେ। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାପରେ ସେମାନେ ସାମୂହିକ ଭାବେ ବୈଠକକୁ ବର୍ଜନ କରିଥିଲେ। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଓ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଚାଷୀଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ। ପ୍ରତିବାଦରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ଉମେଶ ଚନ୍ଦ୍ର ମିଶ୍ର, ସମ୍ପାଦକ ଦେବେନ୍ଦ୍ର ପ୍ରଧାନଙ୍କ ସହିତ ଜିଲାର ବିଭିନ୍ନ ଚାଷୀ ସଙ୍ଗଠନ କର୍ମକର୍ତ୍ତା ଓ ଚାଷୀ ସାମିଲ ହୋଇଥିଲେ।

**ସଂକ୍ଷେପରେ**

## ସୌରଶକ୍ତି ଚାଳିତ ଲୌହଜଳ ଅପସାରଣ ପ୍ରକଳ୍ପ ଉଦ୍‌ଘାଟିତ

ଦେବଗଡ,୨୯।୪(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକର ବିଭିନ୍ନ ଗ୍ରାମରେ ଜାତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଟରଏଡ୍ ଇଣ୍ଡିଆ ପକ୍ଷରୁ ଜିଲା ପ୍ରଶାସନ ଆନୁକୂଲ୍ୟରେ ୯ଟି ସୌରଶକ୍ତି ଚାଳିତ ଲୌହଜଳ ଅପସାରଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ବମ୍ପରଡା ଗ୍ରାମପଞ୍ଚାୟତ ସଭାଗୃହରେ ଉକ୍ତ ପ୍ରକଳ୍ପର ଉଦ୍‌ଘାଟନୀ ସଭା ଏବଂ ପ୍ରକଳ୍ପ ପରିଚାଳନା ଓ ରକ୍ଷଣାବେକ୍ଷଣ ନିମନ୍ତେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୱାଟରଏଡ୍ ଇଣ୍ଡିଆର ବରିଷ୍ଠ ଅଧିକାରୀ ସୀମାଞ୍ଚଳ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବମ୍ପରଡା ସରପଞ୍ଚ ନମିତା ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଯଶୋଧର କିସାନ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ନୁଏଲ ମୁଣ୍ଡା ଯୋଗଦେଇଥିଲେ। ବମ୍ପରଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ନେତ୍ରାବାହାଲ ଏବଂ କନ୍ତ୍ରାପାଲି ଗ୍ରାମରେ ନିର୍ମାଣ ହୋଇଥିବା ସୌରଶକ୍ତି ଚାଳିତ ଲୌହଜଳ ଅପସାରଣ ପ୍ରକଳ୍ପକୁ ଅତିଥି ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଳ ଓ ପରିମଳ କମିଟି ସଦସ୍ୟା, ସଦସ୍ୟଙ୍କ ସହିତ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

## ଭାରତୀୟ ରାଜଭାଷା ସମ୍ମିଳନୀ ଉଦ୍‌ଘାଟିତ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ପଦ୍ମଶ୍ରୀ ହଳଧର ନାଗ ଗ୍ରନ୍ଥାବଳୀ, ଶହୀଦ ବିକା ନାୟକ କି ଖୋଜ ଉପନ୍ୟାସ ଉନ୍ମୋଚିତ**

ସମ୍ବଲପୁର,୨୯।୪(ବି.ଶଙ୍କର)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ପକ୍ଷରୁ ଭାରତୀୟ ଭାଷ ଭାଷା ସମ୍ମିଳନୀ ସୋମବାର ଅପରାହ୍ନରେ ବୁର୍ଲା ଜାଗୃତି ବିହାରସ୍ଥିତ ପ୍ରେକ୍ଷାଳୟରେ ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗୀୟ ମୁଖ୍ୟ ପ୍ରଫେସର ଜୟଶଙ୍କର ବାବୁଙ୍କ ଦ୍ୱାରା ସମ୍ପାଦିତ ପଦ୍ମଶ୍ରୀ ହଳଧର ନାଥଙ୍କ ଗ୍ରନ୍ଥାବଳୀ ଏବଂ ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରଥମ ଶହୀଦ ବିକା ନାଏକଙ୍କ ବିସ୍ତୃତ ଜୀବନୀ ଉପରେ ଆଧାରିତ ସହୀଦ ବିକା କି ଖୋଜ ଉପନ୍ୟାସକୁ ଏମ୍‌ସିଏଲ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କାଓଲେ ଉନ୍ମୋଚନ କରିଥିଲେ । ସୂଚନାଯୋଗ୍ୟ ଯେ, ପଦ୍ମଶ୍ରୀ ହଳଧରଙ୍କ ଗ୍ରନ୍ଥାବଳୀ ଏବଂ ଶହୀଦ ବିକା କି ଖୋଜ (ମୂଳ ଐତିହାସିକ ଉପନ୍ୟାସ) ପୁସ୍ତକକୁ ଏମ୍‌ସିଏଲ କଣିହା କ୍ଷେତ୍ରର ମହାପ୍ରବନ୍ଧକ (ଖଣି) ଦିନେଶ ମାଲି ହିନ୍ଦୀ ରାଜଭାଷାରେ ଅନୁବାଦ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟର ଯୁଗ୍ମ ନିର୍ଦ୍ଦେଶକ(ରାଜଭାଷା) ଆସ୍ଥା ଜୈନ, ଏମ୍‌ସିଏଲ ନିର୍ଦ୍ଦେଶକ(କାର୍ମିକ) କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ ନିର୍ଦ୍ଦେଶକ(ବୈଷୟିକ/ସଞ୍ଚାଳନ) ଯୁଗଳ କିଶୋର ବୋରା, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା, ନିର୍ଦ୍ଦେଶକ (କାର୍ଯ୍ୟକଳାପ/ଯୋଜନା ଏବଂ ପ୍ରକଳ୍ପ) ସଞ୍ଜୟ କୁମାର ଝା, କୋଲକାତାର ଆଞ୍ଚଳିକ କାର୍ଯ୍ୟାନ୍ୱୟନ କାର୍ଯ୍ୟାଳୟ (ପୂର୍ବ)ର ଉପନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ) ବିଚିତ୍ର ସେନ ଗୁପ୍ତା, ଖଡଗପୁର ଆଇଆଇଟିର ବରିଷ୍ଠ ହିନ୍ଦୀ ଅଧିକାରୀ ଡ. ରାଜୀବ ରାୱତ ଏବଂ କୋଲ ଇଣ୍ଡିଆ ଲିମିଟେଡର ପରିଚାଳକ (କାର୍ଯ୍ୟାଳୟ ଭାଷା) ରାଜେଶ ସାହୁଙ୍କ ସମେତ ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ସଦସ୍ୟ, ଏମ୍‌ସିଏଲର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଖୁବ୍‌ଶୀଘ୍ର କୃଷି ଉତ୍ପାଦିତ ସାମଗ୍ରୀ ବଜାର ବ୍ୟବସ୍ଥା

**କୁସୁମୀରେ ଆଞ୍ଚଳିକ କୃଷକ ସମାବେଶ**

କୁଚିଣ୍ଡା,୨୯।୪(ବିରଞ୍ଚି ଦର୍ଵା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର କୁସୁମୀ ଆର୍‌ଏମ୍‌ସି ଉପବଜାର ପ୍ରାଙ୍ଗଣରେ ମଙ୍ଗଳବାର ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମିତ୍ରଭାନୁ ପଟେଲଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ସରକାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଜଳସେଚନ ପାଇଁ ଖର୍ଲା ନଦୀରେ ଏକ ଆନିକଟ କରାଯିବାର ପ୍ରସ୍ତାବ ରହିଛି। ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ନିମନ୍ତେ ଖୁବଶୀଘ୍ର କୃଷି ଉତ୍ପାଦିତ ଦ୍ରବ୍ୟର ବଜାର ବ୍ୟବସ୍ଥା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ। ଜଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଏମ୍‌ପି ପ୍ରତିନିଧି ରୁଦ୍ର ପ୍ରତାପ ଦେଓ, କୁସୁମୀ ସରପଞ୍ଚ ସଂକୀର୍ତ୍ତନ କିଷାନ, ଥାନେଶ୍ୱର ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମାବେଶରେ ଗୋଛରା, ବାଙ୍କେ, କୁନ୍ତରା, ଟାଇଁସର, ତେଲିଟିଲେଇମାଲ, ସାଲେଭାଡ଼ି, କୁ.ଜମନକିରା ଓ କୁସୁମୀ ପଞ୍ଚାୟତର ବହୁସଂଖ୍ୟକ ଚାଷୀ ଯୋଗଦେଇଥିଲେ। ଚାଷୀମାନେ ଚାଷଜନିତ ସମସ୍ୟା ସମ୍ପର୍କରେ ମନ୍ତ୍ରୀ ନାଏକଙ୍କ ସହ ଆଲୋଚନା କରିଥିଲେ। ପବିତ୍ର ମୋହନ ପଟେଲ ସଭା ପରିଚାଳନା କରିଥିଲେ।

## 'ଏକ ଦେଶ, ଏକ ନିର୍ବାଚନ' ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ଦେବଗଡ,୨୯।୪(ଶଶାଙ୍କ ଶେଖର ଝାଙ୍କର)

ସ୍ଥାନୀୟ ସେଣ୍ଟର ଫର୍ କଲ୍‌ଚର କଲ୍ୟାଣ ମଣ୍ଡପଠାରେ 'ଏକ ଦେଶ... ଏକ ନିର୍ବାଚନ' ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଭାଜପା ରାଜ୍ୟ ପ୍ରବକ୍ତା ସଜ୍ଜନ ଶର୍ମା, ଭାଜପା ରାଜ୍ୟ ସଂଯୋଜକ ରଶ୍ମିରଞ୍ଜନ କାନୁନ୍‌ଗୋ, ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଦୀପକ କୁମାର ଗୋଚ୍ଛାୟତ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଆଇନଜୀବୀ ମନୋଜ କୁମାର ପାଢୀ ଯୋଗଦେଇ ଆଲୋଚ୍ୟ ବିଷୟରେ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥୀ, ଶୁଶୀଳ କୁମାର କପରଦାର, ତିଲେଇବଣି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିଭୁତି ଗଙ୍ଗଦେବ, ନିରଞ୍ଜନ ଦ୍ୱିବେଦୀ, ସୁଧୀର କୁମାର କପରଦାର, ମିତ୍ରଭାନୁ ମହାପାତ୍ର, ରାମଚନ୍ଦ୍ର ମହାପାତ୍ର, ଫକୀର ମୋହନ ଦେହୁରୀ, ପ୍ରଭାସ ଚନ୍ଦ୍ର ମିଶ୍ର, ରୋହିତ ଗଙ୍ଗଦେବ, ସଚ୍ଚିକାନ୍ତ ଦାଶ, ସୁଧୀର କୁମାର ବ୍ରହ୍ମାଙ୍କ ସମେତ ବହୁ ବୁଦ୍ଧିଜୀବୀ, ଆଇନଜୀବୀ, ସାହିତ୍ୟିକ, ଖବରଦାତା ଓ ଜନସାଧାରଣ ଯୋଗଦେଇଥିଲେ।

## ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ସମ୍ବଲପୁର,୨୯।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସୁନାପାଲି ରହମଦନଗରରେ ଲୋକେ ବିଭିନ୍ନ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ସମସ୍ୟାର ସମାଧାନ ପାଇଁ ମଙ୍ଗଳବାର ରହମଦନଗରବାସୀ ଅତିରିକ୍ତ ଜିଲାପାଳ ସୁଧାଂଶୁ ଭୋଇଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭଲ ରାସ୍ତା ନ ଥିବାରୁ ସେମାନେ ବଡ କଷ୍ଟରେ ଯାତାୟାତ କରୁଛନ୍ତି। ପାନୀୟ ଜଳର କୌଣସି ବ୍ୟବସ୍ଥା ନାହିଁ ବୋଲି କହିଥିଲେ। ଅଭିଯୋଗ ଶୁଣିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ଭୋଇ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ରହମଦନଗରର ମେହଫୁଜ ଆଲମ, ସୋଏବ ଆଲମ, ଏମଡି ଅସଲମ,ଏମଡି ଅକବର ପ୍ରମୁଖ ଉପସ୍ଥିତ ଥିଲେ।

## ୯୨ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଜମନକିରା,୨୯।୪(ରବୀନ୍ଦ୍ର ପ୍ରସାଦ ଦାନୀ): ସମ୍ବଲପୁର ଜିଲା ଜମନକିରା ବ୍ଲକର ଗୁଣ୍ଠୁରୁଚୁଆଁରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ୯୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଗ୍ରାମୀଣ ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା ପାନୀୟଜଳ ଯୋଗାଣ, ଯୋଗାଯୋଗ କ୍ଷେତ୍ରରେ ଉନ୍ନତି, କୃଷିକ୍ଷେତ୍ରରେ ସମୃଦ୍ଧି ଆଣିବା ସହ ଗ୍ରାମବାସୀଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିପାରିବ ବୋଲି ଏହି ଅବସରରେ ମନ୍ତ୍ରୀ ନାଏକ କହିଥିଲେ। ଏହି ଅବସରରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଫେଡେରେଶନ୍ କପ୍ ସିନିୟର କବାଡ଼ି : ରଞ୍ଜିତା ଟେକ୍ନିସିଆନ୍ ଅଫିସିଆଲ

ଦେବଗଡ,୨୯।୪(ଶଶାଙ୍କ ଶେଖର ଝାଙ୍କର)

ଆମେଚର କବାଡ଼ି ଫେଡେରେଶନ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ମହାରାଷ୍ଟ୍ର ଅମରାବତୀର ଗଡଗେବାବା ସମାଧି ମନ୍ଦିର ଖେଳପଡିଆଠାରେ ଆସନ୍ତା ୨ରୁ ୪ ତାରିଖ ପର୍ଯ୍ୟନ୍ତ ଚତୁର୍ଥ ଫେଡେରେଶନ କପ୍ ସିନିୟର କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାର ମ୍ୟାଚ୍ ପରିଚାଳନା ନିମନ୍ତେ ଓଡ଼ିଶାର ଏକମାତ୍ର ମହିଳା ଟେକ୍ନିସିଆନ୍ ଅଫିସିଆଲ ଭାବେ ଦେବଗଡସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର ମନୋନିତ ହୋଇଛନ୍ତି। ସୂଚନାଯୋଗ୍ୟ, ଉପରୋକ୍ତ ପ୍ରତିଯୋଗିତାରେ ମ୍ୟାଚ୍ ପରିଚାଳନା ନିମନ୍ତେ ଟେକ୍ନିସିଆନ୍ ଅଫିସିଆଲ ଭାବେ ଭାରତର ବିଭିନ୍ନ ରାଜ୍ୟରୁ ମୋଟ ୨୧ ଜଣ ପୁରୁଷ ଏବଂ ମହିଳା ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ମିଶ୍ର ରହିଥିବା ଜଣାପଡିଛି। ଏହି ସଫଳତା ନିମନ୍ତେ ତାଙ୍କୁ ଜିଲାର ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ବିଦ୍ୟାସାଗର ଜ୍ଞାନ ମନ୍ଦିରର ବାର୍ଷିକ ଉତ୍ସବ

ଜମନକିରା,୨୯।୪(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ସଦର ମହକୁମାସ୍ଥିତ ବିଦ୍ୟାସାଗର ଜ୍ଞାନ ମନ୍ଦିର ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଲୁଲେନ୍ଦୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଜମନକିରା ବିଡିଓ ରବୀନ୍ଦ୍ର ସେଠୀ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ଜିଲା ପରିଷଦ ସଭ୍ୟା ସୁଜାତା ଖୁଣ୍ଟିଆ, ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ପୁରୁଷୋତ୍ତମ ପାତ୍ର, ବିଶିଷ୍ଟ ବକ୍ତାଭାବେ ଅଧ୍ୟାପକ ଯତିନ୍ଦ୍ର କୁମାର ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟଅତିଥି ବିଡ଼ିଓ ସେଠୀ ଭଲ ମଣିଷ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ବିଦ୍ୟାର୍ଥୀ ସୋନାକ୍ଷୀ ସାହୁ, ସିଦ୍ରା ଫାତିମା ଓ ପ୍ରୀୟାନସି ଚୌଧୁରୀଙ୍କୁ ପ୍ରଫୁଲ୍ଲ ପ୍ରଜ୍ଞା ପୁରସ୍କାରରେ ମାନପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ ଖେଳ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା। ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ମଧୁସ୍ମିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ, ଶିକ୍ଷୟିତ୍ରୀ ଅନୁପମା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ କୃତୀ ବିଦ୍ୟାର୍ଥୀମାନେ।

# ପାଣ୍ଠି ଅଛି, ବିକାଶ କାମ ହେଉନାହିଁ

**ଯଥାଶୀଘ୍ର କାର୍ଯ୍ୟାରମ୍ଭ ପାଇଁ ଜିଲାପାଳଙ୍କୁ ବିଧାୟକଙ୍କ ଦାବିପତ୍ର**

ସମ୍ବଲପୁର,୨୯।୪(ପ୍ରମୋଦ ବହିଦାର)

ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ସମସ୍ତ ବିକାଶମୂଳକ କାର୍ଯ୍ୟ ବନ୍ଦ ହୋଇପଡ଼ିଛି। ଏଥିପ୍ରତି ଜିଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ କରିଛନ୍ତି ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ। ଏନେଇ ସେ ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ଅର୍ଥ ମଞ୍ଜୁର ସତ୍ତ୍ୱେ ନିର୍ବାଚନ ମଣ୍ଡଳୀ ଧନକଉଡ଼ା ଜୋନ-୨ ଅଧିନ କଳାମାଟି, କର୍ଡୋଲା, ବସନ୍ତପୁର ଓ କୁଦ ଗୁଣ୍ଡେରପୁର ଆଦି ଗ୍ରାମ ପଞ୍ଚାୟତରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟଗୁଡ଼ିକୁ ଯଥାଶୀଘ୍ର ଆରମ୍ଭ କରିବାକୁ ଦାବି କରିଥିଲେ। ଜିଲାପାଳଙ୍କୁ ଏନେଇ ସେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ବିଧାୟକ ହରିପାଲ କହିଥିଲେ, ବିଗତ ୧୦ମାସ ହେଲା ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ଜାଣିଶୁଣି ବିକାଶ କାମକୁ ବନ୍ଦ କରି ଦିଆଯାଇଛି। କୌଣସି ଅଦୃଶ୍ୟ ଶକ୍ତିର ଚାପର ବଶବର୍ତ୍ତୀ ହୋଇ ଜିଲା ପ୍ରଶାସନ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉକ୍ତ ପ୍ରକଳ୍ପ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଆରମ୍ଭ କରୁ ନାହାନ୍ତି। ପୂର୍ବ ସରକାରରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା(ସିଏମ୍‌ଏସ୍‌ଏ), ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ସହିତ ବିଧାୟକ ଓ ଜିଲାପରିଷଦ ପାଣ୍ଠିରେ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ନିର୍ମାଣ କାମ ତତ୍କାଳ ଆରମ୍ଭ ହୋଇ ସୁରୁଖୁରରେ ସମ୍ପନ୍ନ ହେଉଥିଲା। ମାତ୍ର ବର୍ତ୍ତମାନର ସରକାରରେ ରେଙ୍ଗାଲି ନିର୍ବାଚନ ମଣ୍ଡଳିରେ ତାହା ହେଉନାହିଁ। ଏନେଇ ଗତ ଜିଲା ପରିଷଦ ବୈଠକରେ ସେ ବ୍ୟକ୍ତିଗତ ଭାବେ ଜିଲାପାଳ ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ନାୟକ ଓ ଜିଲାପାଳ ଖୁବ୍‌ଶୀଘ୍ର ଉକ୍ତ ଅଞ୍ଚଳର ବିଭିନ୍ନ ପ୍ରକଳ୍ପର ନିର୍ମାଣ କାମ ଆରମ୍ଭ ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ପ୍ରକଳ୍ପ କାମ ଆରମ୍ଭ ହୋଇ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଆଲୋଚନା ବେଳେ ଜିଲାପାଳ ରେଙ୍ଗାଲି ଓ ଧନକଉଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ବନ୍ଦ ହୋଇ ପଡ଼ିଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାରମ୍ଭ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ହରିପାଲଙ୍କ ସହିତ କୁଦଗୁଣ୍ଡେରପୁର ସରପଞ୍ଚ ମୃତ୍ୟୁଞ୍ଜୟ ପୁରୋହିତ, ସମିତି ସଭ୍ୟ ବିଶ୍ୱାମିତ୍ର ପତି, କର୍ଡୋଲା ସରପଞ୍ଚ ଗୋରେଖ ରାଉତ, ସମିତି ସଭ୍ୟା ରୀନା ସେଠ୍, ବସନ୍ତପୁର ସମିତ ସଭ୍ୟ ବଳରାମ ପ୍ରଧାନ, ଧନକଉଡ଼ା ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ବେହେରା, ବରିଷ୍ଠ ବିଜେଡି ନେତା ସୁଦୀପ ବେହେରା, ଦେବାଶିଷ ପଣ୍ଡା, ଗୋଲକ ଦେବତା ଜିତେନ୍ଦ୍ରିୟ ମିଶ୍ର ପ୍ରମୁଖ ସାମିଲ ଥିଲେ।


ରେଙ୍ଗାଲି ବିଧାୟକ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।



ଭଗବାନ ଶ୍ରୀପରଶୁରାମଙ୍କ ଜନ୍ମୋତ୍ସବ ଉପଲକ୍ଷେ ମଙ୍ଗଳବାର ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରୁଛି । (ଫଟୋ: ସୁନୀଲ, ବଲାଙ୍ଗୀର)

# ରାସ୍ତା ଉପରେ ଓଲଟି ପଡ଼ିଲା ଟ୍ୟାଙ୍କର

## ପିଟି ହେଲା ପିକ୍ଅପ୍ ଗାଡ଼ି, ଦୁଇ ଗୁରୁତର

ବଲାଙ୍ଗୀର,୨୯।୪(ବୀରେନ୍ଦ୍ର କୁମାର ଖାଣ୍ଡରା)

ବଲାଙ୍ଗୀର ସହର ଉପକଣ୍ଠ ବଲାଙ୍ଗୀର-ବେଲଗାଁ ୨୬ ନମ୍ବର ଜାତୀୟ ରାଜପଥର ସ୍ମାର୍ଟପାର୍କ ଗୁଲାମି ନିକଟରେ ମଙ୍ଗଳବାର ଭୋର ୪ଟାରେ ଏକ ଆଲୁମିନିୟମ ପାଉଡର ବୋଝେଇ ଟ୍ୟାଙ୍କର (ଓଡ଼ି୧୭ ଏମ୍‌୫୦୧) ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଏହି ସମୟରେ ସାମ୍ନାପଟରୁ ଆସୁଥିବା ଏକ ପିକ୍ଅପ୍ ଭ୍ୟାନ୍ (ନଂ ଓଡ଼ି୦୮ ଟି୪୩୧୦) ଉକ୍ତ ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରରେ ପିଟି ହୋଇ ଓଲଟି ପଡ଼ିଥିଲା । ଏହି ଦୁର୍ଘଟଣାରେ ଟ୍ୟାଙ୍କର ଡ୍ରାଇଭର ଅଙ୍କରେ ବର୍ତ୍ତିଯାଇଥିବା ବେଳେ ପିକଅପ୍ ଭ୍ୟାନର ଡ୍ରାଇଭର ଏବଂ ମାଲିକ ଗୁରୁତର ହୋଇଥିଲେ । ଦୁଇ ଗୁରୁତରଙ୍କୁ ପୋଲିସ ସେଠାରୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରିଥିଲା ।

# କ୍ଷତିପୂରଣ ଦାବିରେ ଉପଜିଲାପାଳଙ୍କୁ ଭେଟିଲେ ମହିଳା

ପାଟଣାଗଡ଼,୨୯।୪ (ଚିତ୍ତରଞ୍ଜନ ମହାକୁଡ଼)

ପାଟଣାଗଡ଼ ବ୍ଲକର କେମୁଣ୍ଡୁମୁଣ୍ଡି, ଘୁଟେପାଲି ଓ ମଣ୍ଡୋମହୁଲ ଗ୍ରାମ ପଞ୍ଚାୟତର ଅନେକ ଗ୍ରାମରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ମଙ୍ଗଳବାର କ୍ଷତିଗ୍ରସ୍ତ ଗ୍ରାମର ମହିଳାମାନେ ସରକାରୀ ସହାୟତା ଯୋଗାଇ ଦେବା ଦାବିରେ ପାଟଣାଗଡ଼ ଉପଜିଲାପାଳ ସୁନୀଲ ମେହେରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରକାଶ ଯେ, ଗତ ୧୮ ତାରିଖ ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀରେ ଉପରୋକ୍ତ ୩ ଗୋଟି ପଞ୍ଚାୟତରେ ଅନେକ ଲୋକଙ୍କ ଚାଳଘରର ଛପର ଉଡ଼ିଯାଇଛି । ଜୋରରେ ପବନ ବହିବାରୁ ଛୋଟ ବଡ଼ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଥିଲା । ଗଛଗୁଡ଼ିକ ପଡ଼ିବା ଦ୍ୱାରା ରାସ୍ତା ଅବରୋଧ ହୋଇ ବିଦ୍ୟୁତ୍‌ଯୋଗାଣ ବ୍ୟାହତ ହୋଇଥିଲା । ଗାଁଗୁଡ଼ିକରେ ଚାଷ ହୋଇଥିବା ବିଭିନ୍ନ ପନିପରିବା ସହ କେମୁଣ୍ଡୁ ଗୁଡ଼ିକ ଭୁଆଁଥର ମାଡରେ ନଷ୍ଟ ହୋଇଯାଇଛି । ଫଳରେ ଚାଷୀ ମହଲରେ ହତାଶଭାବ ଦେଖା ଦେଇଛି । ଯଥାଶୀଘ୍ର ଉପଯୁକ୍ତ ତଦନ୍ତ କରି କ୍ଷତିପୂରଣ ଦେବାକୁ ଦାବି ହେଉଛି ।

# କୃଷକ କ୍ଷେତ୍ର ଦିବସ ପାଳିତ

ଲୋଇସିଂହା,୨୯।୪(ସୁଶାନ୍ତ ବାରିକ)

ମଙ୍ଗଳବାର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ କୃଷି ବିକାଶ ସହକାରୀ ସମିତି ଲିମିଟେଡ ଆନୁକୂଲ୍ୟରେ ଲୋଇସିଂହା ବ୍ଲକ ଅନ୍ତର୍ଗତ ବାନିପାଲିଠାରେ କୃଷକ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଏଡିଓ ପ୍ରମୋଦ କୁମାର ବଡ଼ପଣ୍ଡା ଯୋଗଦେଇ କୃଷି ଓ କୃଷକଙ୍କ କଲ୍ୟାଣ ଉନ୍ନତି ଲାଗି ଧାନବାଷ ପରବର୍ତ୍ତୀ ରବିଚାଷରେ ଡାଲି ଜାତୀୟ ଫସଲ ଚାଷ କରି ଲାଭବାନ ହେବା ସକାଶେ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ମାମିନା ଭୋଇ ଓ ସହକାରୀ କୃଷି ଅଧିକାରୀ ରୋହନ କୁମାର ସାହୁ ଯୋଗଦେଇ ଜମିର ମାଟି ପରୀକ୍ଷା, ସାର ପ୍ରୟୋଗ ତଥା ଜୈବିକ ପଦ୍ଧତିରେ କୃଷିର ଉପାଦେୟତା ଉପରେ ସୂଚନା ଦେଇଥିଲେ । ମୁଗ, ବିରି, ଚଣା, ମସୁରି ଡାଲି ଜାତୀୟ ତଥା ରାଶି, ସୋରିଷ ତୈଳବୀଜ ଜାତୀୟ ଏବଂ କପା ଭଳି ଅର୍ଥକାରୀ ଫସଲ ଉପରେ ଆଲୋଚନା ହୋଇଥିଲା । ସିଆରଏଫଏମ ଜିଲ୍ଲା ସଂଯୋଜକ ନତିନ ଦାସ, ବାନିପାଲି ସରପଞ୍ଚଙ୍କ ସମେତ ଉପରବାହାଲ, ରତାଖଣ୍ଡି, ବାନିପାଲି ପଞ୍ଚାୟତର ଚାଷୀମାନେ ଉପସ୍ଥିତ ଥିଲେ । ହିରଣ୍ୟ ଶବର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବିମଳେନ୍ଦୁ ସାହୁ, ବିଶ୍ୱନାଥ ପଧାନ, ଶାନ୍ତନୁ ସାହୁ, ଉର୍ମିଳା ବାଗ, ଅଜୟ ଗଡ଼ତିଆ ସହଯୋଗ କରିଥିଲେ । କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

PARADIP PORT AUTHORITY
PARADIP PORT-754142, ODISHA (INDIA)
ADMINISTRATIVE DEPARTMENT
(ESTATE-WING)
No.AD/EST/GENL-01/2025/1702 Dt.21.04.2025
e-Tender Call Notice
An e-Tender Call Notice has been floated inviting bids for the work "Providing Field / Office Assistance for Estate Works for a period of 2 (two) years". The date of available of documents in website is from 22.04.2025 to 13.05.2025 at 16.00 Hours. For details, please log on the website: http://eprocure.gov.in/eprocure/app.
Sd/- Sr. Asst. Estate Manager
Paradip Port Authority
PPA/PR/08/2025-2026 dtd.29.04.2025

# ଅଙ୍କୁର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ



ମୁଖ୍ୟଅତିଥି ଡ. ପ୍ରେମଚାନ୍ଦ ମହାନ୍ତି ଶିଶୁ ସାହିତ୍ୟିକା ଏଲୋରା ମିଶ୍ରଙ୍କୁ ଅଙ୍କୁର ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରୁଛନ୍ତି ।

ବଲାଙ୍ଗୀର,୨୯।୪(ବୀରେନ୍ଦ୍ର କୁମାର ଖାଣ୍ଡରା)

ବଲାଙ୍ଗୀର ସହର ଶାନ୍ତିପଡ଼ାଠାରେ ଅଙ୍କୁର ସାହିତ୍ୟ ସଂସଦର ଅଢ଼ିଶତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଡା. ଅଶୋକ କୁମାର ସେଠୀଙ୍କ ଦ୍ୱିତୀୟ ଗଳ୍ପ ସଙ୍କଳନ 'କାହାଣୀ ଦୁନିଆଁ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଅଙ୍କୁରର ସଭାପତି କସ୍ତୁରୀ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରବିଣ ତଥା ଶିଶୁ ସାହିତ୍ୟିକା ଏଲୋରା ମିଶ୍ରଙ୍କୁ ଅଙ୍କୁର ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସୀତାଶୁଂ ନାୟକ ମାନପତ୍ର ପାଠ କରିଥିଲେ । ସହସମ୍ପାଦକ ସୁରଥ ସାହୁ ଗଳ୍ପ ସଙ୍କଳନର ସମୀକ୍ଷା କରିଥିଲେ । ଅଙ୍କୁରର ସମ୍ପାଦକ ଡା. ଅଶୋକ କୁମାର ସେଠୀ ଓ ମଦନ ମୋହନ ରଥ ଅନୁଷ୍ଠାନର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଡ. ପ୍ରେମଚାନ୍ଦ ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଦେବରାଜ ପାଣିଗ୍ରାହୀ ଯୋଗ ଦେଇଥିଲେ । ଦୁର୍ଗୁଳି ବାଣ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏହାକୁ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ ସଂଯୋଜନା କରିଥିଲେ । ଭବାନୀ ଶଙ୍କର ପଲେଇ, ବଳିଷ୍ଠ ପ୍ରଧାନ, ହୃଷୀକେଶ ପୁରୋହିତ, ରଶ୍ମି ପାତ୍ର, ଦେବରାଜ ପାଣିଗ୍ରାହୀ, ଚିତ୍ତ ରଞ୍ଜନ ମିଶ୍ର, ଡା. ଲମ୍ବୋଦର ମେହେର୍, ଗିରିଜା ଧାରିଣୀ, ଧୀରେନ୍ଦ୍ର ନାରାୟଣ ସିଂଦେଓ, ତପସ୍ୱିନୀ ପଶାୟତ, କପିଳ ପତି, ଜ୍ୟୋତିମୟୀ ମିଶ୍ର, ଡା. ଲକ୍ଷ୍ମୀପ୍ରିୟା ସେଠୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ସଭା ଆୟୋଜନରେ ଦୁର୍ଗା ସାହୁ, ଅରୁଣ ଖୁଆସ, ବୁନ୍ଦେନ୍ଦ୍ର ବେହେରା, ଗୋପୀନାଥ ଦଣ୍ଡସେନା, ବାଳଗୋପାଳ ସିଂନିନା, ମଧୁ ସାହୁ, ପ୍ରଦୀପ ପଶାୟତ, ସତୀଶ ବିଶି, ରାଧାକାନ୍ତ ବାଗ, ଆନନ୍ଦ ସାହୁ ସହଯୋଗ କରିଥିଲେ । ଶେଷରେ କେଶବ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, राँची**

अति अल्पकालीन ई–पुर्ननिविदा आमंत्रण सूचना
PR 334344 REO (24-25)#D

पत्रांकः–                                        दिनांकः–

अति अल्पकालीन ई–पुर्ननिविदा संख्याः–09/RE/2024-25/RWD/EE/RANCHI

| क्रम सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (रूपये में) अंक में | अक्षर में | कार्य समाप्ति की तिथि / अवधि | टेण्डर कॉल नं0 |
|---|---|---|---|---|---|---|
| 1 | RWD/RANCHI / 26/2024-25 | राजाडेरा पंचायत में महुआडीपा पीoडब्लूडी पथ महुवा पेड़ के समीप से भावरडीपा जतराटांड़ लुथर मिंज के घर के समीप भाया उड़्पटिया तक पथ निर्माण। (ल0– 4.700 किमी0) | 47723900.00 | चार करोड़ सतहत्तर लाख तेईस हजार नौ सौ रूपये मात्र। | 18 माह | द्वितीय |

1. वेबसाईट में निविदा प्रकाशन की तिथि:–30.04.2025
2. ई–निविदा प्राप्ति की अंतिम तिथि एवं समय:–08.05.2025 अपराह्न 5.00 बजे तक।
3. निविदा खोलने की तिथि एवं समय:–10.05.2025 अपराह्न 3.30 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, राँची।
5. ई–निविदा प्रकोष्ठ का दूरभाष संख्या – 0651–2360137

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग,कार्य प्रमण्डल, राँची

PR 351373 REO(25-26).D

ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ pnb punjab national bank
Together for the better

ମଣ୍ଡଳ ଶସ୍ତ୍ର କେନ୍ଦ୍ର, ସମ୍ବଲପୁର : ମଣ୍ଡଳ କାର୍ଯ୍ୟାଳୟ, ବାଲାଜୀ ମିଟ୍‌ଟାଉନ, ପ୍ରଥମ ମହଲା, ଦେହେରିପାଲି, ପୋ: ବୁଡ଼ାରାଜା, ସମ୍ବଲପୁର-୭୬୮୦୦୪, ଇମେଲ: cs8310@pnb.co.in

**[ରୁଲ ୮(୧)] ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

[illegible]

| ଶାଖା / ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ବଲାଙ୍ଗୀର ଶାଖା (୧୬୯୯୧୦) / ଋଣଗ୍ରହୀତା: ଶ୍ରୀ ରାମକୃଷ୍ଣ ସାହୁ, ... | ୦୪.୦୨.୨୦୨୫ / ୨୪.୦୪.୨୦୨୫ | ୨୨.୦୧.୨୦୨୫ ସୁଦ୍ଧା ଟ.୨୪,୨୩,୪୨୨.୨୯ + ସେବାବଧ ଉପରେ ସୁଧ ଏବଂ ଖର୍ଚ୍ଚ | [illegible] |
| ସୋନପୁର ଶାଖା (୪୯୮୫୦୦) / ... | ୨୧.୧୨.୨୦୨୪ / ୨୪.୦୪.୨୦୨୫ | ୩୦.୧୧.୨୦୨୪ ସୁଦ୍ଧା ଟ.୯,୨୦,୬୭୩.୩୩ + ସେବାବଧ ଉପରେ ସୁଧ ଏବଂ ଖର୍ଚ୍ଚ | [illegible] |
| ଝାରସୁଗୁଡ଼ା ଶାଖା (୨୨୧୮୦୦) / ... | ୨୯.୦୧.୨୦୨୫ / ୨୫.୦୪.୨୦୨୫ | ୨୧.୦୧.୨୦୨୫ ସୁଦ୍ଧା ଟ.୨୬,୪୪,୩୫୦.୦ + ସେବାବଧ ଉପରେ ସୁଧ ଏବଂ ଖର୍ଚ୍ଚ | [illegible] |
| ଏସ୍‌ଏନ୍ ଡିଏଭି ପବ୍ଲିକ ସ୍କୁଲ, ରାଉରକେଲା ଶାଖା (୫୬୭୭୧୦) / ... | ୦୭.୦୨.୨୦୨୫ / ୨୪.୦୪.୨୦୨୫ | ୩୧.୦୧.୨୦୨୫ ସୁଦ୍ଧା ଟ.୧୯,୭୦,୮୩୮.୦୦ + ସେବାବଧ ଉପରେ ସୁଧ ଏବଂ ଖର୍ଚ୍ଚ | [illegible] |
| ମାନେଶ୍ୱର ଶାଖା (୨୫୭୦୦୦) / ... | ୦୪.୦୨.୨୦୨୫ / ୨୪.୦୪.୨୦୨୫ | ୩୧.୦୧.୨୦୨୫ ସୁଦ୍ଧା ଟ.୪,୮୦,୦୩୨.୦୬ + ସେବାବଧ ଉପରେ ସୁଧ ଏବଂ ଖର୍ଚ୍ଚ | [illegible] |
| ସମ୍ବଲପୁର ଶାଖା (୦୪୦୧୨୦) / ... | ୦୭.୧୨.୨୦୨୪ / ୨୯.୦୪.୨୦୨୫ | ୩୦.୧୧.୨୦୨୪ ସୁଦ୍ଧା ଟ.୧୪,୭୫,୬୬୬.୯୫ + ସେବାବଧ ଉପରେ ସୁଧ ଏବଂ ଖର୍ଚ୍ଚ | [illegible] |

ତାରିଖ: ୨୯.୦୪.୨୦୨୫
ସ୍ଥାନ: ସମ୍ବଲପୁର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ

ଫର୍ମ ନଂ. ୩
[ନିୟାମକ ୧୫(୧)(କ) ଦ୍ରଷ୍ଟବ୍ୟ]

**ଋଣ ଅସୁଲି ଆପିଲେଟ୍ ଟ୍ରିବ୍ୟୁନାଲ, କୋଲକାତା**
୯, ଓଲ୍ଡ ପୋଷ୍ଟ ଅଫିସ୍ ଷ୍ଟ୍ରିଟ୍, ୭ମ ମହଲା, କୋଲକାତା-୭୦୦୦୦୧
**ଆବେଦନ ନଂ. ୨୦୧୯ର ୫୨**
ଡ଼ିଆର୍‌ଟି, କଟକରେ ୨୦୧୯ ମସିହାର ଏସ୍.ଏ. ନଂ. ୪ରୁ ଉଦ୍ଧୃତ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ......ଆବେଦନକାରୀ
-ବନାମ-
ଅଂଶୁମାନ ମିଶ୍ର ଏବଂ ଅନ୍ୟମାନେ ......ପ୍ରତିବାଦୀମାନେ

ପ୍ରାପ୍ତେଷୁ,
(୧-କ) ଅଂଶୁମାନ ମିଶ୍ର, ବାସସ୍ଥାନ- ସା: ପରେଡ ପଡ଼ିଆ, ୱାର୍ଡ଼ ନଂ. ୧୦, ସୂର୍ଯ୍ୟ ନିବାସ ପଛ, ପୋ/ଥାନା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ (ପ୍ରତିବାଦୀ ନଂ. ୧-କ)
(୧-ଖ) ଆରତୀ ମିଶ୍ର, ବାସସ୍ଥାନ- ସା: ପରେଡ ପଡ଼ିଆ, ୱାର୍ଡ଼ ନଂ. ୧୦, ସୂର୍ଯ୍ୟ ନିବାସ ପଛ, ପୋ/ଥାନା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ (ପ୍ରତିବାଦୀ ନଂ. ୧-ଖ)
(୧-ଗ) ଲିନୁ ମିଶ୍ର, ବାସସ୍ଥାନ- ସା: ବ୍ରହ୍ମ ମନ୍ଦିର ସାହି, ୟୁନିଟ୍ ନଂ. ୧୦, ପୋ/ଥାନା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ (ପ୍ରତିବାଦୀ ନଂ. ୧-ଗ)
(୧-ଘ) ଲିପି ଦାସ, ବାସସ୍ଥାନ- ସା: ବ୍ରହ୍ମ ମନ୍ଦିର ସାହି, ୟୁନିଟ୍ ନଂ. ୧୦, ପୋ/ଥାନା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ (ପ୍ରତିବାଦୀ ନଂ. ୧-ଘ)
(୨) ମେସର୍ସ କାମୟାବ ଟେଲିଭିଜନ ପ୍ରାଇଭେଟ୍ ଲିମିଟେଡ୍, ଏହାକୁ ପ୍ରତିନିଧିତ୍ୱ କରୁଥିବା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମନୋଜ ଦାଶ, ସା: ୧୫୯, ଅଲକା ବିଲ୍ଡିଂ, ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ (ପ୍ରତିବାଦୀ ନଂ. ୨)
(୩) ଶ୍ରୀ ମନୋଜ ଦାଶ, ପିତା: ଗୌର ଚରଣ ଦାଶ, ସା: ୧୫୯, ଅଲକା ବିଲ୍ଡିଂ, ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ (ପ୍ରତିବାଦୀ ନଂ. ୩)
(୪) ଶ୍ରୀମତୀ ଲିପି ଦାସ, ସ୍ୱାମୀ: ଶ୍ରୀ ମନୋଜ ଦାଶ, ନିର୍ଦ୍ଦେଶକ ମେସର୍ସ କାମୟାବ ଟେଲିଭିଜନ ପ୍ରାଇଭେଟ୍ ଲିମିଟେଡ୍, ସା: ୧୫୯, ଅଲକା ବିଲ୍ଡିଂ, ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ (ପ୍ରତିବାଦୀ ନଂ. ୪)
(୫) ଶ୍ରୀ ସୁକାନ୍ତ ନାୟକ, ପିତା: ୰ ସାଧୁ ଚରଣ ନାୟକ, ସା: ପ୍ଲଟ୍ ନଂ.: ୧୭୬, ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ, ଥାନା: ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୦୩ (ପ୍ରତିବାଦୀ ନଂ. ୫)

**ସମନ୍**
୧. ଯେହେତୁ ଆବେଦନକାରୀ ଏଲ୍‌ଡି. ପ୍ରିଜାଇଡିଂ ଅଫିସର, ଡିଆର୍‌ଟି, କଟକଙ୍କ ଦ୍ୱାରା ଜାରି କରାଯାଇଥିବା ଆଦେଶ ଏବଂ ଅନ୍ୟାନ୍ୟ ପ୍ରତିକାର ବିରୁଦ୍ଧରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୮ ଅନୁଯାୟୀ ଏକ ଆବେଦନ ଦାଖଲ କରିଛନ୍ତି । ଆପଣଙ୍କୁ ଦାବୀର ଉତ୍ତର ଦେବା ପାଇଁ ତା.୧୪.୦୫.୨୦୨୫ରିଖ ପୂର୍ବାହ୍ନ ୧୦.୩୦ରେ କିମ୍ବା ସୁବିଧା ଅନୁଯାୟୀ ତା'ପରେ ତୁରନ୍ତ ଏହି ଟ୍ରିବ୍ୟୁନାଲ ସମ୍ମୁଖରେ ହାଜର ହୋଇ ଲିଖିତ ବୟାନ ଦାଖଲ କରିବାକୁ ସମନ୍ କରାଯାଉଛି ।
୨. ଯଦି ଆପଣ କୌଣସି ଡକ୍ୟୁମେଣ୍ଟ ଦାଖଲ କରିବାକୁ ଚାହୁଁଛନ୍ତି, ତେବେ ଆପଣ ଏକ ତାଲିକା ପ୍ରସ୍ତୁତ କରି ଲିଖିତ ବୟାନ ସହ ଦାଖଲ କରିପାରିବେ ।
୩. ଯେତେବେଳେ ଆପଣ ଟ୍ରିବ୍ୟୁନାଲରେ ହାଜର ହେବେ, ସେତେବେଳେ ନିଜର ପଞ୍ଜିକୃତ ଠିକଣା ଓ ଏକ ମେମୋ ଅଫ୍ ଆପିୟରାନ୍ସ ଆପଣ ନିଜେ ବା ଜଣେ ନିଯୁକ୍ତ ଓକିଲ/ଆଡଭୋକେଟଙ୍କ ମାଧ୍ୟମରେ ଟ୍ରିବ୍ୟୁନାଲ ସମ୍ମୁଖରେ ଦାଖଲ କରିବା ଆବଶ୍ୟକ ।
୪. ଏହି ନୋଟିସ୍ ଦ୍ୱାରା ସୂଚିତ କରାଯାଉଛି ଯେ, ଯଦି ଉପରଦର୍ଶିତ ତାରିଖରେ ଆପଣ ଉପସ୍ଥିତ ହେବେ ନାହିଁ, ତେବେ ଆପଣଙ୍କ ଅନୁପସ୍ଥିତିରେ ଏହି ମାମଲାର ଶୁଣାଣି ଓ ବିଚାର କରାଯିବ ।
ଏହି ପ୍ରାଧିକରଣର ସହି ମୋହର ଏବଂ ମୋ ହସ୍ତାକ୍ଷର ଦ୍ୱାରା ତା.୧୭.୦୪.୨୦୨୫ରିଖରେ ଆଦିଷ୍ଟ ।
ସ୍ୱା/- ରେଜିଷ୍ଟ୍ରାର
ଋଣ ଅସୁଲି ଆପିଲେଟ୍ ଟ୍ରିବ୍ୟୁନାଲ, କୋଲକାତା

यूनियन बैंक Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୫, ଓଡ଼ିଶା, ଫୋନ୍-୦୬୮୦-୨୨୨୫୨୭୨

**ବିକ୍ରୟ ନୋଟିସ୍**
**(୩୦ ଦିନିଆ ନୋଟିସ୍)**
{ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| ଶାଖା ଏବଂ ଯୋଗାଯୋଗ ନଂ. / ଋଣଗ୍ରହୀତା/ କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ବନ୍ଧକଦାତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା/ବକେୟା ଦେୟ | ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/ ୧) ଅଜିତ କୁମାର ପଣ୍ଡା, ପିତା: ଦୁର୍ଗା ମାଧବ ପଣ୍ଡା, ମେନ୍ ରୋଡ୍, ଟାଙ୍ଗଣାପଲ୍ଲି, ଗଞ୍ଜାମ-୭୬୧୦୦୩, ୨) ଦୁର୍ଗା ମାଧବ ପଣ୍ଡା, ପିତା: ଗୋପିନାଥ ପଣ୍ଡା, ମେନ୍ ରୋଡ୍, ଟାଙ୍ଗଣାପଲ୍ଲି, ଗଞ୍ଜାମ-୭୬୧୦୦୩ | ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/ ୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲି, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି କିମ୍ବା ୫୨୩ ବର୍ଗଫୁଟ ଏବଂ ଏହାର ଚତୁଃପାର୍ଶ୍ୱରେ- ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ୦୮.୦୪.୨୦୨୧ / ୧୮.୧୧.୨୦୨୧ / ୨୪.୦୪.୨୦୨୫ |
| କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/ ୧) ଶ୍ରୀ ଅରୁଣ ଗୌଡ, ପିତା: କାଶି ଗୌଡ, ସା: ଲାଠି, ଅଡା ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, ୨) ଶ୍ରୀ କାଶି ଗୌଡ, ସା: ଲାଠି, ଅଡା ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, ୩) ସିମାଞ୍ଚଳ ଗୌଡ, ସା: ଲାଠି, ଅଡା ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା | ଅରୁଣ ଗୌଡ, କାଶି ଗୌଡ ଏବଂ ସିମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ: କାମନା ଗୌଡଙ୍କ ଗୃହ | ୦୭.୧୧.୨୦୧୭ / ୨୫.୦୪.୨୦୧୮ / ୨୪.୦୪.୨୦୨୫ |
| କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/ ୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା, ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) ଦିବ୍ୟ ଲୋଚନ ବେହେରା, ସ୍ୱାମୀ: ଶତୃଘନ ବେହେରା ଏବଂ ୩) ଶତୃଘନ ବେହେରା, ପିତା: ସୁବୁଦ୍ଧି ବେହେରା, ଉଭୟଙ୍କ ଠିକଣା- ଗ୍ରାମ: ହୁଣ୍ଡତ, ପୋ: ହଡାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ | ବାସୋପଯୋଗୀ ଜମି ଯାହାର ପ୍ଲଟ୍ ନଂ.: ୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୪୧ଡିସିମିଲି କିମ୍ବା ୧୭୮୬ ବର୍ଗଫୁଟ, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତୀ ସାସମଲଙ୍କ ଜମି, ଉତ୍ତର: ବିକ୍ରେତାଙ୍କ ଜମି, ଦକ୍ଷିଣ: ରାସ୍ତା | ୦୫.୦୫.୨୦୨୧ / ୦୨.୧୧.୨୦୨୧ / ୨୪.୦୪.୨୦୨୫ |
| କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/ ୧) ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ୱାଧିକାରୀ: ସରୋଜିନୀ ପଣ୍ଡିତ, ସ୍ୱାମୀ: ଅଲି କ୍ରିଷ୍ଣା ପଣ୍ଡିତ, ସା: ପ୍ରେମ ନଗର, ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ୨) ସରୋଜିନୀ ପଣ୍ଡିତ, ସ୍ୱାମୀ: ଅଲି କ୍ରିଷ୍ଣା ପଣ୍ଡିତ, ସା: ପ୍ରେମ ନଗର, ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ | ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/ ୨୩୫୫, ଖାତା ନଂ.: ୧୮୮/୮୫୮, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୪୧ଡିସିମିଲି ଏବଂ ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ବିକ୍ରେତାଙ୍କ ଅବଶିଷ୍ଟ ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପାର୍ଟିଙ୍କ ଅବଶିଷ୍ଟ ଜମି | ୩୧.୦୮.୨୦୧୯ / ୧୬.୦୧.୨୦୨୦ / ୨୪.୦୪.୨୦୨୫ |
| କୋର୍ଟପେଟା ଶାଖା / ଫୋନ୍: ୭୮୯୪୬୨୫୫୧୧/ ୧) ଶ୍ରୀ ପବିତ୍ର ମୋହନ ପାଣିଗ୍ରାହୀ, ପିତା: କେ. ବି. ପାଣିଗ୍ରାହୀ, ଗ୍ରାମ: ତେଣ୍ଟୁଆପଡ଼ା, ପୋ: ଡ଼ାବରାସିଙ୍ଗି, ନୂଆପଡ଼ା, ତେଣ୍ଟୁଆପଡ଼ା, ଗଞ୍ଜାମ, ଓଡ଼ିଶା-୭୬୧୦୧୧, ୨) ଶ୍ରୀ କୁଞ୍ଜ ବିହାରୀ ପାଣିଗ୍ରାହୀ, ପିତା: ଶବର ପାଣିଗ୍ରାହୀ, ଗ୍ରାମ: ତେଣ୍ଟୁଆପଡ଼ା, ଜେ.ପି: ଜକର, ଥାନା: କେ. ନୂଆଗାଁ, ତେଣ୍ଟୁଆପଡ଼ା, ଗଞ୍ଜାମ, ଓଡ଼ିଶା-୭୬୧୦୧୧ | ଶ୍ରୀ କୁଞ୍ଜ ବିହାରୀ ପାଣିଗ୍ରାହୀଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୨୩୦, ପ୍ଲଟ୍ ନଂ.: ୧୪୭୮, ପରିମିତ କ୍ଷେତ୍ର: ଏକର୦.୦୧୫ଡିସିମିଲି ଏବଂ ଖାତା ନଂ.: ୨୧୧/୧୪୮, ପ୍ଲଟ୍ ନଂ.: ୧୪୮୦, ପରିମିତ କ୍ଷେତ୍ର: ଏକର୦.୦୧୫ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୩୦ଡିସିମିଲି, ମୌଜା: ତେଣ୍ଟୁଆପଡ଼ା, ତହସିଲ: ଦିଗପହଣ୍ଡି, ଜକର ଆର.ଆଇ., ଏସ୍‌ଆର୍‌ଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପ୍ଲଟ୍ ନଂ. ୧୪୮୦ର ଚତୁଃପାର୍ଶ୍ୱରେ- ପୂର୍ବ: ଉମାଚନ୍ଦ୍ର ପାଣିଗ୍ରାହୀଙ୍କ ଗୃହ, ପଶ୍ଚିମ: ନିତ୍ୟାନନ୍ଦ ସାହୁଙ୍କ ଗୃହ, ଉତ୍ତର: ନିଜସ୍ୱ, ଦକ୍ଷିଣ: ରାସ୍ତା, ପ୍ଲଟ୍ ନଂ. ୧୪୭୮ର ଚତୁଃପାର୍ଶ୍ୱରେ- ପୂର୍ବ: ଉମା ଚରଣ ପାଣିଗ୍ରାହୀଙ୍କ ଜି.ବି., ପଶ୍ଚିମ: ନିତ୍ୟାନନ୍ଦ ସାହୁଙ୍କ ଗୃହ, ଉତ୍ତର: ନିରଞ୍ଜନ ସାହୁଙ୍କ ଜମି, ଦକ୍ଷିଣ: ନିଜସ୍ୱ | ୨୭.୦୭.୨୦୨୩ / ୦୮.୧୦.୨୦୨୪ / ୨୪.୦୪.୨୦୨୫ |
| ୟୁଏମ୍‌ଏଫ୍‌ବି ଶାଖା / ଫୋନ୍: ୯୬୨୮୬୬୧୯୯୯/ ୧) ମେସର୍ସ ଆଶା ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଜେ. ଆଶା, ସା: ଗେଦଲ ନାଇଡୁ ପଲମ, ପାଳିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, ୨) ଜେ. ଆଶା, ପିତା: ଜେ. ଦେବରାଜ ରାଓ, ପାଳିଆ ଲକ୍ଷ୍ମୀପୁର, କାଳିପଲି, ବଡ଼ପୁଟି, ଗଞ୍ଜାମ, ଓଡ଼ିଶା-୭୬୧୦୨୦, ୩) କି. ତିଲେଶ୍ୱରୀ, ସ୍ୱାମୀ: କି. ମହାଦେବ, ସା: ଗେଦଲ ନାଇଡୁ ପଲମ, ପାଳିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦ | କି. ତିଲେଶ୍ୱରୀ, ସ୍ୱାମୀ: କି. ମହାଦେବଙ୍କ ନାମରେ ଥିବା ଜମି ଏବଂ ଗୃହ (ଘର)ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୨/୪୧୩୪, ପ୍ଲଟ୍ ନଂ.: ୨୭୫, କ୍ଷେତ୍ର: ଏକର୦.୨୪୮ ଡିସିମିଲି (ଘରବାରି), ରେଭିନ୍ୟୁ ମୌଜା: ଗେଦଲନାଇଡୁପଲମ, ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା, ପିନ୍-୭୬୧୦୨୦, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: କି. ତିଲେଶ୍ୱରୀଙ୍କ ଜମି ଯାହାର ପ୍ଲଟ୍ ନଂ. ୨୭୬/୪୪୮୬, ଦକ୍ଷିଣ: ପ୍ଲଟ୍ ନଂ. ୨୭୪, ପୂର୍ବ: ରାସ୍ତା, ପଶ୍ଚିମ: କାମେଶ୍ୱର ରାଓଙ୍କ ଜମି | ୧୪.୦୮.୨୦୨୪ / ୨୨.୧୦.୨୦୨୪ / ୨୪.୦୪.୨୦୨୫ |
| ୟୁଏମ୍‌ଏଫ୍‌ବି ଶାଖା / ଫୋନ୍: ୯୬୨୮୬୬୧୯୯୯/ ୧) ମେସର୍ସ ଶ୍ରୀ ବାଲାଜୀ ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ଜେ. ଦେବରାଜ ରାଓ, ସା: ଗେଦଲ ନାଇଡୁ ପଲମ, ପାଳିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, ୨) ଜେ. ଦେବରାଜ ରାଓ, ପିତା: ଜୋନିଙ୍ଗି ନରଶାୟା, ପାଳିଆ ଲକ୍ଷ୍ମୀପୁର, କାଳିପଲି, ବଡ଼ପୁଟି, ଗଞ୍ଜାମ, ଓଡ଼ିଶା-୭୬୧୦୨୦, ୩) କି. ତିଲେଶ୍ୱରୀ, ସ୍ୱାମୀ: କି. ମହାଦେବ, ସା: ଗେଦଲ ନାଇଡୁ ପଲମ, ପାଳିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦ | କି. ତିଲେଶ୍ୱରୀ, ସ୍ୱାମୀ: କି. ମହାଦେବଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୨/୪୧୬୧, ପ୍ଲଟ୍ ନଂ.: ୨୭୬/୪୪୮୬, କ୍ଷେତ୍ର: ଏକର୦.୧୯୦ଡିସିମିଲି (ଘରବାରି), ରେଭିନ୍ୟୁ ମୌଜା: ଗେଦଲନାଇଡୁପଲମ, ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା, ପିନ୍-୭୬୧୦୨୦, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: କି. ତିଲେଶ୍ୱରୀଙ୍କ ଜମି ଯାହାର ପ୍ଲଟ୍ ନଂ. ୨୭୬, ଦକ୍ଷିଣ: ପ୍ଲଟ୍ ନଂ. ୨୭୫, ପୂର୍ବ: ରାସ୍ତା, ପଶ୍ଚିମ: ଏସ୍ କାମେଶ୍ୱର ରାଓଙ୍କ ଜମି | ୧୪.୦୮.୨୦୨୪ / ୨୨.୧୦.୨୦୨୪ / ୨୪.୦୪.୨୦୨୫ |
| ଭାବିନିପୁର ଶାଖା / ଫୋନ୍: ୭୮୯୪୧୧୯୯୧୦/ ୧) ବି. ଚନ୍ଦ୍ରେୟା, ପିତା: ବୁରୁଡୁ ସତେୟା, ପଡା ପେଣ୍ଟୁପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, ଓଡ଼ିଶା, ୨) ବି. ଲଚ୍ଛିମି ଆମ୍ମା, ସ୍ୱାମୀ: ବି. ଚନ୍ଦ୍ରେୟା, ପଡା ପେଣ୍ଟୁପଲ୍ଲୀ, ବାହାଦୁର ପେଟା, ଡୁରା, ଗଞ୍ଜାମ, ଓଡ଼ିଶା, ୩) ରବି ନାରାୟଣ ସାହୁ, ପିତା: କୃଷ୍ଣ ଚନ୍ଦ୍ର ସାହୁ, ବିଜୟ ବିହାର, ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା | ବି. ଲଚ୍ଛିମି ଆମ୍ମାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୧୧, ଖାତା ନଂ.: ୧୨୯୦/୯୮୭, କ୍ଷେତ୍ର: ଏକର୦.୦୨୫ଡିସିମିଲି, ରେଭିନ୍ୟୁ ମୌଜା: ଡୁରା ପେଣ୍ଟୁପଲ୍ଲୀ, ପଡା ପେଣ୍ଟୁପଲ୍ଲୀ, ବାହାଦୁର ପେଟା, ଡୁରା, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ପି. ଏରାମ୍ମାଙ୍କ ଘର, ପଶ୍ଚିମ: ବି. ସତେୟାଙ୍କ ଘର, ଉତ୍ତର: ଦଣ୍ଡାସୀ ଷ୍ଟ୍ରିଟ୍, ଦକ୍ଷିଣ: ରାସ୍ତା | ୦୨.୦୧.୨୦୨୦ / ୨୯.୦୯.୨୦୨୧ / ୨୪.୦୪.୨୦୨୫ |
| ନୀଳକଣ୍ଠନଗର ଶାଖା / ଫୋନ୍: ୭୮୯୪୫୨୯୨୭୨/ ୧) ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ରାମନଗର, ୨ୟ ଲେନ୍, କମାପଲ୍ଲି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୦୦୦୨, ୨) ନୀଳକଣ୍ଠ ମହାନ୍ତି, ପିତା: ସୁଦର୍ଶନ ମହାନ୍ତି, ଶାସ୍ତ୍ରୀନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୧୮ | ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଯାହାର ପ୍ଲଟ୍ ନଂ.: ୪୨୬୭/ ୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଗୃହର ସମୁଦାୟ ପରିମିତ କ୍ଷେତ୍ର: ଏକର୦.୦୧୪ ଡିସିମିଲି, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ନିଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ. ୪୨୪୪, ଦକ୍ଷିଣ: ରାସ୍ତା | ୦୬.୦୪.୨୦୨୦ / ୧୭.୧୧.୨୦୨୨ / ୨୪.୦୪.୨୦୨୫ |
| ଗୋଷାଣୀନୂଆଗାଁ ଶାଖା / ଫୋନ୍: ୯୯୦୩୮୨୦୧୦୨/ ୧) ଶ୍ରୀମତୀ ମୁକ୍ତା ଦାସ, ସ୍ୱାମୀ: ବନ ଦାସ, ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର-୭୬୦୦୦୧, ୨) ଚନ୍ଦ୍ରକଳା ରାଉତ, ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର-୭୬୦୦୦୧, ୩) କେଦାର ରାଉତ, ପିତା: ଚନ୍ଦ୍ରକଳା ରାଉତ, ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର-୭୬୦୦୦୧ | ଶ୍ରୀମତୀ ମୁକ୍ତା ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୫୧, ଖାତା ନଂ.: ୭୮୨, ରେଭିନ୍ୟୁ ମୌଜା: ବିଜିପୁର, ତହସିଲ: ବିଜିପୁର, ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୦୮ଡିସିମିଲି, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ପଦ୍ମା ଦାସଙ୍କ ଘର, ପଶ୍ଚିମ: କୁନ୍ତଳା ଦାସଙ୍କ ଘର, ଉତ୍ତର: ସୁବୁଦ୍ଧି ସେଠୀଙ୍କ ଘର, ଦକ୍ଷିଣ: ରାସ୍ତା | ୨୮.୦୭.୨୦୨୨ / ୧୧.୧୦.୨୦୨୨ / ୨୪.୦୪.୨୦୨୫ |
| ଦିଗପହଣ୍ଡି ଶାଖା / ଫୋନ୍: ୯୫୬୦୩୫୩୫୫୫ / ୧) ମେସର୍ସ ଅଏଲଲେସ୍ ଫୁଡ୍ ଇଣ୍ଡଷ୍ଟ୍ରି, ସ୍ୱତ୍ୱାଧିକାରୀ: ଶ୍ରୀମତୀ ହିଙ୍ଗଳ ତିଲୋତମା ରେଡ୍ଡି, ସା/ପୋ: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା-୭୬୧୦୧୨, ୨) ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡି, ପିତା: ହିଙ୍ଗଳ ସୋମନାଥ ରେଡ୍ଡି, ସା/ପୋ: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା-୭୬୧୦୧୨ | ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡିଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୧୭, ଖାତା ନଂ.: ୬୬୯, ରେଭିନ୍ୟୁ ମୌଜା: ଗୋକର୍ଣ୍ଣପୁର, ତହସିଲ/ ଏସ୍‌ଆର୍‌ଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୨୦ ଡିସିମିଲି କିମ୍ବା ୮୭୧ ବର୍ଗଫୁଟ, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଶିବରାମ ମହାରଣାଙ୍କ ଜମି, ପୂର୍ବ: ଏଚ୍ ରଘୁନାଥ ରେଡ୍ଡିଙ୍କ ଘର, ପଶ୍ଚିମ: ଏଚ୍ କସ୍ତୁରୀଙ୍କ ଘର | ୧୧.୧୦.୨୦୨୨ / ୧୫.୦୪.୨୦୨୩ / ୨୪.୦୪.୨୦୨୫ |
